**୭ ଦିନରେ ୧୪ ଫେରାର ଅଭିଯୁକ୍ତ ଗିରଫ**

ନିମାପଡ଼ା,(ଡି.ଏନ୍.ଏ.): ନିମାପଡ଼ା ଥାନା ପୋଲିସ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ କଡ଼ା ପଦକ୍ଷେପ ନେଇଛନ୍ତି। ଗତ ୭ରୁ ୧୪ତାରିଖ ମଧ୍ୟରେ ଏକ ସ୍ୱତନ୍ତ୍ର ପୋଲିସ ଟିମ ନିମାପଡ଼ା ଥାନା ଓ ଚାରିଛକ ଫାଣ୍ଡି ଅଞ୍ଚଳରେ ଚଢ଼ାଉ କରି ୧୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ବିଭିନ୍ନ ଅପରାଧୀ ମାମଲାରେ ଜଡ଼ିତ ରହି ଦୀର୍ଘ ବର୍ଷ ଫେରାର ଥିଲେ। ପୁରୀ ଏସ୍‌ପି କେ. ବିଶାଳ ସିଂଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଥାନାଧିକାରୀ ଜନାର୍ଦ୍ଦନ ପାଢ଼ୀ ଓ ଚାରିଛକ ଫାଣ୍ଡି ଅଧିକାରୀ ଏଏସ୍‌ଆଇ ପ୍ରମୋଦ ସେଠୀ ସଦଳବଳ ଚଢ଼ାଉ କରି ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିଛନ୍ତି।

## ସଂକ୍ଷେପରେ

### ଘରେ ପଶି ଭଙ୍ଗାରୁଜା କଲା ହାତୀ

**କଣାସ,୧୫।୩(ସ୍ୱ.ପ୍ର.):** ଜଙ୍କିଆ ଥାନା ନିକଟବର୍ତ୍ତୀ ଡମଣଭୁଇଁ ଗ୍ରାମର ସୁବାସ ରଥଙ୍କ ଘରେ ରବିବାର ଗୋଟିଏ ହାତୀ ପଶି ଭଙ୍ଗାରୁଜା କରିଛି। ଟାଙ୍ଗୀ ବନଖଣ୍ଡ ଅଞ୍ଚଳରୁ ଖାଦ୍ୟ ଅନ୍ୱେଷଣରେ ଗୋଟିଏ ହାତୀ ଡମଣଭୁଇଁ ଗ୍ରାମକୁ ଚାଲିଆସିଥିଲା। ଗାଁମୁହଁରେ ଥିବା ସୁବାସଙ୍କ ଘର ଦୁଆର ଭାଙ୍ଗି ହାତୀଟି ଭିତରେ ପଶିଥିଲା। କବାଟ ଭାଙ୍ଗିବା ଶବ୍ଦ ଶୁଣି ସୁବାସ ବାହାରେ ଦେଖିବାବେଳେ ହାତୀ ଥିବାରୁ ଘର ଭିତରକୁ ଚାଲିଯାଇଥିଲେ। ବାହାରେ ଥିବା ମୋଟରସାଇକେଲ ଫୋପାଡ଼ିବା, ବିଭିନ୍ନ ଆସବାବପତ୍ର ଫିଙ୍ଗା ଫୋପଡ଼ା କରିଥିଲା। ପ୍ରାୟ ଅଧଘଣ୍ଟାଏ ପର୍ଯ୍ୟନ୍ତ ହାତୀଟି ବାହାରେ ଥିବାବେଳେ ସୁବାସଙ୍କ ପରିବାର ଲୋକ ମଧ ଭୟଭୀତ ହୋଇ ଘର ଭିତରେ ଲୁଚି ରହିଥିଲେ। ଏପରି କି ପରିବାଲୋକ ଡାକ ପକାଇଥିଲେ ମଧ ପୂର୍ବରୁ ହାତୀ ଅନେକ ଲୋକଙ୍କୁ ଆକ୍ରମଣ କରିଥିବାରୁ ଗ୍ରାମବାସୀ କେହି ଭୟରେ ଆସି ନ ଥିଲେ। ପରେ ଘର ମଝିରେ ଏକ ବିଦ୍ୟୁତ୍ ବଲ୍ ଜଳୁଥିବାର ହାତୀ ଦେଖି ପଛଘୁଞ୍ଚା ଦେଇ ଦୀର୍ଘ ସମୟ ଧରି ଦୁଆରମୁହଁରେ ଠିଆ ହୋଇରହିଥିଲା। ପରେ ପଡ଼ୋଶୀ ପ୍ରଫୁଲ୍ଲ ଏକ ଟିଣ ଆଜବେଷ୍ଟସକୁ ଜୋରରେ ବାଡ଼େଇବାରୁ ହାତୀଟି ପଳାଇଯାଇଥିଲା।

### ଭୁବନେଶ୍ୱରରେ ଏନ୍‌ଏସ୍‌ଜି ଟିମ୍, ଦୁଇ ମନ୍ଦିରର ସୁରକ୍ଷା ଯାଞ୍ଚ କରିବ

**ଭୁବନେଶ୍ୱର, ୧୫।୩(ବ୍ୟୁରୋ):** ଭୁବନେଶ୍ୱରରେ ସୋମବାର ସନ୍ଧ୍ୟାରେ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନଏସ୍‌ଜି)ର ୬ ଜଣିଆ ଟିମ୍ ପହଞ୍ଚିଛନ୍ତି। ଏଥିରେ ୨ଜଣ ଅଧିକାରୀ ରହିଛନ୍ତି। ଏହି ଟିମ ମଙ୍ଗଳବାର ଲିଙ୍ଗରାଜ ମନ୍ଦିରର ସୁରକ୍ଷା ଯାଞ୍ଚ କରିବ। ଏଥିସହ ଟିମ ତରଫରୁ ସୁରକ୍ଷା ସଂକ୍ରାନ୍ତ ଏକ ମକ୍ ଡ୍ରିଲ କରାଯିବ। ସେହିପରି ୧୮ ତାରିଖରେ ପୁରୀ ଯିବ ଟିମ। ସେଠାରେ ଶ୍ରୀମନ୍ଦିର ସୁରକ୍ଷାନେଇ ମକ୍ ଡ୍ରିଲ କରାଯିବ ବୋଲି ଜଣାପଡିଛି। ଆତଙ୍କୀ ଆକ୍ରମଣକୁ ପ୍ରତିହତ କରିବାପାଇଁ ବିଭିନ୍ନ ସମୟରେ ଏନ୍‌ଏସଜି ତରଫରୁ ଏପରି ମକ୍ ଡ୍ରିଲ କରାଯାଇଥାଏ।

### ବାଲି ଉତ୍ତୋଳନ ବେଳେ ଶିବଲିଙ୍ଗ ଠାବ

**ଯାଜପୁର ଟାଉନ,୧୫।୩(ଡି.ଏନ.ଏ.):** ଯାଜପୁର ସିଦ୍ଧେଶ୍ୱର ମନ୍ଦିର ପୁରାଣ ପ୍ରସିଦ୍ଧ ହୋଇଥିବା ବେଳେ ଏଠାରେ ପିଣ୍ଡଦାନ ମଧ କରାଯାଇଥାଏ। ବୈତରଣୀ ନଦୀ କୂଳରେ ସିଦ୍ଧେଶ୍ୱର ମନ୍ଦିର ବିଦ୍ୟମାନ। ଏହି ଆଖପାଖ ଅଞ୍ଚଳରେ ହଜାରହଜାର ଶିବଲିଙ୍ଗ ଦେଖିବାକୁ ମିଳିଥାଏ। ଏଥିମଧ୍ୟରୁ କେତେକ ଶିବଲିଙ୍ଗଙ୍କୁ ପ୍ରତ୍ନତାତ୍ତ୍ୱିକ ବିଭାଗ ଦ୍ୱାରା ସ୍ଥାନାନ୍ତରିତ କରାଯାଇଛି। ତେବେ ସୋମବାର ସିଦ୍ଧେଶ୍ୱର ପୀଠ ନିକଟରେ ଥିବା ବୈତରଣୀ ନଦୀ ଗର୍ଭରୁ ଏକ ଶିବ ଲିଙ୍ଗ ଠାବ ହୋଇଥିବା ବେଳେ ଆଉ ୨ଟି ମନ୍ଦିରର ମୁଖଚୁଲା ମଧ ଦୃଶ୍ୟମାନ ହୋଇଛି। ସିଦ୍ଧେଶ୍ୱର ମନ୍ଦିରରୁ ୨ଶହ ମିଟର ଦୂରରେ ବୈତରଣୀ ନଦୀ ଗର୍ଭରୁ ବାଲି ଉତ୍ତୋଳନ ଚାଲିଛି। ତେବେ ମନ୍ଦିର ନିକଟରେ ବାଲି ଖୋଳିବାକୁ କିଏ ଅନୁମତି ଦେଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାଲି ଉତ୍ତୋଳନ ଯୋଗୁ ସିଦ୍ଧେଶ୍ୱର ମନ୍ଦିର ଅସୁରକ୍ଷିତ ବୋଲି ଅନେକ ଲୋକ ମତବ୍ୟକ୍ତ କରିଥିବା ବେଳେ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ନ ଦେବା ସମସ୍ତଙ୍କୁ ବିସ୍ମିତ କରିଛି। ବୈତରଣୀ ନଦୀ ଗର୍ଭରୁ ଉପରକୁ ଉଠିଥିବା ମହାଦେବଙ୍କ ଶିବଲିଙ୍ଗ ଏବଂ ୨ଟି ମନ୍ଦିରକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ମଧ ଜମୁଛି।

# ଲଟେରି ଉଠିଲେ ମିଳୁଛି ପାଣି

**ଛତ୍ରପୁର,୧୫।୩(ଡି.ଏନ୍.ଏ.)**


ପାଣି ପାଇଁ ଲଟେରି ନମ୍ବର ଧରି ମହିଳାମାନେ ଠିଆ ହୋଇଛନ୍ତି।

ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁର ସହରରେ ପାନୀୟ ଜଳ ଅଭାବ ଦେଖାଦେଇଛି। ବିଶୁଦ୍ଧ ପାଣି ଟୋପାଏ ପାଇଁ ଏଠାରେ ଲଟେରି ପକାଇବାକୁ ପଡୁଛି। ଭାଗ୍ୟ ସାଥ୍ ଦେଲେ ଲଟେରି ଉଠିଲେ ଶୋଷ ମେଣ୍ଟାଇବାକୁ ପାଣି ମିଳୁଛି। ଏପରି ଦେଖିବାକୁ ମିଳିଛି ଛତ୍ରପୁର ଷ୍ଟେଶନରୋଡ ସାହିରେ। ଦିନକୁ ଥରେ ମାତ୍ର ଷ୍ଟାଣ୍ଡପୋଷ୍ଟରେ ଆସୁଥିବା ପାଣି ନେବାକୁ ମହିଳାମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବାରୁ ଏପରି କରାଯାଇଛି। ଲଟେରି ସିରିୟଲ ନମ୍ବର ଅନୁସାରେ ମହିଳାମାନେ ପାଣି ନେଉଛନ୍ତି। ଷ୍ଟାଣ୍ଡପୋଷ୍ଟରେ ପାଣି ଆସିବା ବନ୍ଦ ହୋଇଗଲେ ପାଖରେ ନମ୍ବର ଥାଇ ବି ନିରାଶରେ ଫେରିବାକୁ ପଡୁଛି।

ଷ୍ଟେଶନରୋଡ ସାହିରେ ୨୦ରୁ ୨୫ ପରିବାର ରହୁଛନ୍ତି। ଏଥିସହ ଦୈନିନ୍ଦିନ ବଡ଼ଷ୍ଟେଶନ ନିକଟକୁ ମଧ ଯାତ୍ରୀ ଆସିଥାନ୍ତି। ହେଲେ ଏଠାରେ ପାନୀୟ ଜଳ ସଙ୍କଟ ଲାଗିରହିଛି। ସାହି ବାସିନ୍ଦା ବାରମ୍ବାର ଏ ନେଇ ପ୍ରଶାସନକୁ ଜଣାଉଥିଲେ ବି ସୁଫଳ ମିଳୁନି। ଚଳିତବର୍ଷ ଏବେଠୁ ଗ୍ରୀଷ୍ମ ପ୍ରବାହ ନାକେଦମ୍ କଲାଣି। ଏଭଳି ସ୍ଥିତିରେ ପାଣିର ଆବଶ୍ୟକତା ବଢିଯାଇଛି। ଷ୍ଟାଣ୍ଡପୋଷ୍ଟରେ ମାତ୍ର ୧୫ ମିନିଟ ପାଇଁ ପାଣି ଆସୁଛି। ଏହି କମ୍ ସମୟ ମଧ୍ୟରେ ପାଣି ନେବାକୁ ମହିଳାମାନଙ୍କ ମଧ୍ୟରେ ହେଉଥିବା ଗଣ୍ଡଗୋଳକୁ ଏଡାଇବା ପାଇଁ ସ୍ଥାନୀୟ ଲୋକଙ୍କ ଦ୍ୱାରା ପ୍ରତିଦିନ ଲଟେରି ଉଠାଣ କରାଯାଉଛି। ଯାହାର ୧ ନମ୍ବର ସେ ପ୍ରଥମେ ନେବା ପରେ ସିରିୟଲ ଅନୁସାରେ ଅନ୍ୟମାନେ ଷ୍ଟାଣ୍ଡପୋଷ୍ଟକୁ ଆସୁଛନ୍ତି। ସ୍ଥାନୀୟ ବାସିନ୍ଦା ସୁଷମା ପାଢ଼ୀ କହିଛନ୍ତି, ୨ ବର୍ଷ ପୂର୍ବେ ଘରକୁ ପାଣି ପାଇପ ସଂଯୋଗ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରସିଦ କଟାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ପାଇପ୍ ସଂଯୋଗ ହୋଇନି। ଏ ନେଇ ବାରମ୍ବାର ଜେଇଙ୍କ ଦୃଷ୍ଟିଆକର୍ଷଣ କରିଛୁ। ମାତ୍ର ସମସ୍ୟା ସମାଧାନ କରାଯାଉନାହିଁ। ସେହିପରି ବାସିନ୍ଦା ଆର. ଲଚ୍ଛମି କହିଛନ୍ତି, ଜଣଙ୍କୁ ୨ ହାଣ୍ଡି ପାଣି ମିଳୁନି। ପ୍ରଶାସନକୁ ଅଭିଯୋଗ କରୁଛୁ, କେହି ଆସୁନାହାନ୍ତି। ଏ ସମ୍ପର୍କରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଏନ. ଗଣେଶ ବାବୁଙ୍କୁ ପଚାରିବାରେ ଷ୍ଟେଶନରୋଡ୍ ଅଞ୍ଚଳର ପାନୀୟ ଜଳ ସମସ୍ୟା ବିଷୟ ଜନସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିବା କହିଛନ୍ତି। ଖୁବଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି ସେ ଜଣାଇଛନ୍ତି।

## ଏସ୍‌ପି, ରେଜିଷ୍ଟ୍ରାରଙ୍କୁ ଓଏଚ୍‌ଆର୍‌ସିଙ୍କ ନୋଟିସ


ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିବା ର୍‍ୟାଗିଂ ଫ୍ରି କ୍ୟାମ୍ପସ ଅଭିଯାନର କର୍ମକର୍ତ୍ତା।

**ଭୁବନେଶ୍ୱର, ୧୫।୩(ବ୍ୟୁରୋ)**

**ଭିମ୍‌ସାର ର୍‍ୟାଗିଂ ଘଟଣା**

ବୁର୍ଲାସ୍ଥିତ ଭିମ୍‌ସାର କ୍ୟାମ୍ପସରେ ର୍‍ୟାଗିଂ ଘଟଣାକୁ ନେଇ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ଗତ ୧୦ ତରିଖରେ ହଷ୍ଟେଲରେ ରହୁଥିବା ଜୁନିୟର ଡାକ୍ତରମାନେ ସିନିୟରଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ। ଏନେଇ ସୋମବାର ର୍‍ୟାଗିଂ ଫ୍ରି କ୍ୟାମ୍ପସ ଅଭିଯାନର ଆବାହକ ତେଜେଶ୍ୱର ପରିଡା ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନ ଅଧକ୍ଷ ବି.କେ. ପଟେଲ ଓ ଅସୀମ ଅମିତାଭ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ପିଟିଶନର ଶୁଣାଣି କରି ସମ୍ବଲପୁର ଏସ୍‌ପି ଓ ଭିମ୍‌ସାର ରେଜିଷ୍ଟ୍ରାରଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହ ଘଟାକୁ ନେଇ କମିଶନ ଅଧକ୍ଷ କ୍ଷୋଭ ପ୍ରକାଶ କରିଛନ୍ତି। ପିଟିଶନରେ ରହିଥିବା ମତାମତ ଓ ପ୍ରସ୍ତାବ ଉପରେ ଖଣ୍ଡପୀଠ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ କରିଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୬ ତାରିଖରେ ହେବ। ଶୁଣାଣିବେଳେ ଅଭିଯାନର ଆବାହକ ପରିଡାଙ୍କ ସମେତ ମୀର ମହମ୍ମଦ ଅଲ୍ଲୀ, ନଳିନୀକାନ୍ତ ନାୟକ, ଗୁରୁ ଦାସ ଗୌତମ ସ୍ୱାଇଁ, ସୁବ୍ରତ କୁମାର ଜେନା, ଓ କୃପାସିନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବସ୍ ଦୁର୍ଘଟଣା: ୧ ମୃତ, ୫ ଗୁରୁତର



ଦୁର୍ଘଟଣାଗ୍ରସ୍ତ ବସ୍।

**ନବରଙ୍ଗପୁର/ପାତ୍ରପୁର,୧୫।୩**

- ଟ୍ରକ୍‌କୁ ଓଭରଟେକ୍ କରିବା ବେଳ ଅଘଟଣ
- ଗୁରୁତରଙ୍କ ମଧରେ ରହିଛନ୍ତି ଛାତ୍ରୀଛାତ୍ର

ନବରଙ୍ଗପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଘରୋଇ 'ତ୍ରିପାଠୀ' ବସ୍ ସୋମବାର ଆନ୍ଧ୍ରପ୍ରଦେଶ ସୋମପେଣ୍ଟ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବସ୍ ହେଲ୍‌ପରଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଯାତ୍ରୀ ଗୁରୁତର ହୋଇଛନ୍ତି। ମୃତ ହେଲ୍‌ପର ହେଲେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅଞ୍ଚଳର ସୁଧୀର ସାଗରିଆ(୩୩)। ସେହିପରି ଗୁରୁତରମାନେ ହେଲେ କେନ୍ଦୁଝର ଜିଲାର ସନ୍ଧ୍ୟାରାଣୀ ନାୟକ(୨୧), କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍ ଅଞ୍ଚଳର ପ୍ରଦୀପ ମୁଦୁଲି(୨୩), ନବରଙ୍ଗପୁରର ଗୀତାଞ୍ଜଳି ମିଶ୍ର(୪୨), କୋରାପୁଟ ଜିଲାର ଗୁପ୍ତେଶ୍ୱରୀ ଶାଙ୍କିଆ(୨୨) ଏବଂ ଜୟପୁରର ଲୋପାମୁଦ୍ରା ମହାପାତ୍ର(୨୩)। ତେବେ ଅନ୍ୟ କେତେଜଣ ମଧ ଏଥିରେ ଆହତ ହୋଇଥିବା ସୂଚନା ମିଳିଛି।

ଘଟଣାରୁ ପ୍ରକାଶ, ବସ୍(ଓଡି ୦୭ ଏଲ୍ ୧୫୭୯)ଟି ଏକ ଟ୍ରକ୍‌କୁ ଓଭରଟେକ୍ କରିବାକୁ ଚେଷ୍ଟା କରୁଥିବାବେଳେ ଆଗକୁ ଷଣ୍ଢ ଆସିଯାଇଥିଲା। ଷଣ୍ଢକୁ ଧକ୍କା ଦେବାପରେ ବସ୍‌ଟି ଟ୍ରକ୍‌କୁ ଧକ୍କା ଦେଇଥିଲା। ସେହିପରି ପଛପଟୁ ଆସୁଥିବା ଅନ୍ୟ ଏକ ଟ୍ରକ୍ ବସ୍‌କୁ ଧକ୍କା ଦେଇଥିଲା। ବାରୁଆ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଗୁରୁତରମାନଙ୍କୁ ବାରୁଆ ଓ ସୋମପେଣ୍ଟ ଡାକ୍ତରଖାନାରେ ଭର୍ତ୍ତି କରିଛି। ୩୮/୨୧ ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ଗୁରୁତରଙ୍କ ମଧ୍ୟରୁ ନବରଙ୍ଗପୁରର ଗୀତାଞ୍ଜଳି କେଜିବିଭିରେ ଚାକିରି କରୁଥିବାବେଳେ ଅନ୍ୟମାନେ ଭୁବନେଶ୍ୱରର ବିଭିନ୍ନ ଅନୁଷ୍ଠାନରେ ପଢ଼ିବା ଓ ପରୀକ୍ଷା ଦେବା ପାଇଁ ଯାଉଥିଲେ।

## ଆଇଏଲ୍‌ଏସ୍‌ରେ ବାୟୋଇନ୍‌କ୍ୟୁବେଟର ଉଦ୍‌ଘାଟିତ

**ଭୁବନେଶ୍ୱର, ୧୫।୩(ବ୍ୟୁରୋ):** ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ (ଆଇଏଲ୍‌ଏସ୍)ରେ ବାୟୋଇନ୍‌କ୍ୟୁବେଟରକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। କେନ୍ଦ୍ର ସରକାରଙ୍କ ବାୟୋଟେକ୍ନୋଲୋଜି ବିଭାଗର ସହଯୋଗରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ଓ ବାୟୋଟେକ୍ନୋଲୋଜି ଇଣ୍ଡଷ୍ଟ୍ରି ରିସର୍ଚ୍ଚ ଆସିଷ୍ଟାନ୍ସ କାଉନସିଲ ପକ୍ଷରୁ ଏହା ପ୍ରତିଷ୍ଠା ହୋଇଛି। ମୁଖ୍ୟମନ୍ତ୍ରୀ ଆଇଏଲ୍‌ଏସ୍‌ର ଏହି ପ୍ରୟାସକୁ ପ୍ରଶଂସା କରିବା ସହିତ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଗବେଷଣା ଏବଂ ବିକାଶକୁ ପ୍ରୋତ୍ସାହିତ କରିବ ଓ ଯୁବପିଢ଼ୀଙ୍କୁ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଉଦ୍ୟୋଗୀ ହେବାକୁ ଉତ୍ସାହିତ କରିବ ବୋଲି ମତବ୍ୟକ୍ତ କରିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା ଯୋଗଦେଇ କହିଛନ୍ତି, ଏଥିପାଇଁ ଆଇଏଲ୍‌ଏସ୍ ଚିତ୍ତାକର୍ଷକ ଭିତ୍ତିଭୂମି ଏବଂ ଉତ୍ସର୍ଗୀକୃତ ବୈଜ୍ଞାନିକ ମାନବଶକ୍ତି ଦେଇଛି। ଏହି ଅବସରରେ ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଡ. ଅଜୟ ପରିଡ଼ା ଉପସ୍ଥିତ ଥିଲେ।

## ଗଞ୍ଜାମ ଦଣ୍ଡଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନୁମତି

**ଛତ୍ରପୁର,୧୫।୩(ଡି.ଏନ.ଏ.)**

କରୋନାର ପୁନଃସଂକ୍ରମଣ ସମ୍ଭାବନା ଥିବାରୁ ଚଳିତବର୍ଷ ଗଞ୍ଜାମ ଜିଲାର ପ୍ରସିଦ୍ଧ ଦଣ୍ଡଯାତ୍ରା କେବଳ ମାନସିକଧାରୀ ଦଣ୍ଡୁଆଙ୍କୁ ନେଇ ଆୟୋଜନ କରିବା ପାଇଁ ପୂର୍ବରୁ ଅନୁମତି ମିଳିଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏ ନେଇ ଗାଇଡଲାଇନ୍ ଜାରି କରିଥିଲେ। ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାରଣ କରାଯାଇଥିଲା। ତେବେ ସୋମବାର ଜିଲାପାଳ ଗାଇଡ୍‌ଲାଇନରେ ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ଦଣ୍ଡଯାତ୍ରା ବେଳେ ରାତିରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଜିଲାପାଳ ଅନୁମତି ଦେଇଛନ୍ତି। ଏହା ବ୍ୟତୀତ ଗତ ୮ ତାରିଖରେ ଦଣ୍ଡଯାତ୍ରା ପାଇଁ ଜାରି କରାଯାଇଥିବା ଅନ୍ୟ ସବୁ ଗାଇଡଲାଇନ୍ ବଳବତ୍ତର ରହିଥିବା ଜିଲାପାଳ ନୂଆ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି। କୋଭିଡ୍-୧୯ ନିୟମ ଅନୁପାଳନ କରି ୨ଶହ ଲୋକଙ୍କ ମଧ୍ୟରେ ଦଣ୍ଡଯାତ୍ରା ହେବ। ଏଥିପାଇଁ ସ୍ଥାନୀୟ ତହସିଲଦାରଙ୍କଠାରୁ ଅନୁମତି ନେବାକୁ ପଡିବ। କୌଣସି ଅସୁବିଧା ଦେଖାଦେଲେ ଆୟୋଜକ ଦାୟୀ ରହିବେ। ଜିଲା ବାହାରର କୌଣସି କଳାକାର କିମ୍ବା ମାନସିକଧାରୀଙ୍କୁ ଦଣ୍ଡଯାତ୍ରାରେ ସାମିଲ ନ କରିବା ପାଇଁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ଦଣ୍ଡଯାତ୍ରା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନୁମତି ଦେବା ପାଇଁ ଗଞ୍ଜାମ ଜିଲା ମଞ୍ଚ କଳାକାର ସଂଘ ଜିଲାପାଳଙ୍କୁ ଅନୁରୋଧ କରିଥିଲା।

# ବୈଠକ ବର୍ଜନ କଲେ ମୃତ୍ୟୁଦଣ୍ଡ

**ଗ୍ରାମବାସୀଙ୍କୁ ମାଓବାଦୀଙ୍କ ଧମକ**

**ମାଲକାନଗିରି,୧୫।୩(ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ଲାଲ୍‌ବାହିନୀ ଧୀରେ ଧୀରେ ସକ୍ରିୟ ହେବାରେ ଲାଗିଛି। ସେମାନେ ବହୁ ସ୍ଥାନରେ ବିଭିନ୍ନ ସମୟରେ ବୈଠକମାନ କରି ନିଜ ଶକ୍ତି ବଢ଼ାଉଛନ୍ତି। ଏଥିରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଜୋର ଜବରଦସ୍ତ ସାମିଲ କରୁଛନ୍ତି। କେହି ଯଦି ସେମାନଙ୍କ ସହ ସାମିଲ ନ ହେଉଛନ୍ତି ତେବେ ସେମାନଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ଲାଲ୍‌ବାହିନୀ ଧମକ ଦେଉଛି। ଏପରି ଏକ ଘଟଣା ଏବେ ନଜରକୁ ଆସିଛି। ମାଓବାଦୀମାନେ ସ୍ୱାଭିମାନ ଅଞ୍ଚଳର ଅଣ୍ଡ୍ରାପାଲିରେ ବିଭିନ୍ନ ସମୟରେ କରୁଥିବା ବୈଠକରେ ଗ୍ରାମବାସୀ ଯୋଗଦେଉ ନ ଥିବାରୁ ଏବେ ମାଓବାଦୀମାନେ ଗ୍ରାମବାସୀଙ୍କୁ ମୃତ୍ୟୁଦଣ୍ଡର ଧମକ ଦେଇ ଚିଠି ଲେଖିଛନ୍ତି। ରବିବାର ଅଣ୍ଡାପାଲି ଗ୍ରାମର ତ୍ରିନାଥ, ରାଜୁ ହନ୍ତାଳ, ସର୍ବ, ରାଜୁ ଖରା, ଆନ୍ଧ, ଡମୁରୁ ଲାଡେ, ଜଗେଶ୍ୱର,


ମାଓବାଦୀ ପଠାଇଥିବା ଚିଠି।

ମନ ହନ୍ତାଳ, ଶାମ ହନ୍ତାଳ ଏବଂ ପିଡୁଙ୍କ ନିକଟକୁ ଏହି ଧମକପୂର୍ଣ୍ଣ ଚିଠି ଆସିଛି। ଏମାନେ ହିଁ ମାଓବାଦୀଙ୍କ ବିପକ୍ଷରେ ଗ୍ରାମବାସୀଙ୍କୁ ପ୍ରବର୍ତ୍ତାଇ ବୈଠକକୁ ଯିବା ଲାଗି ବାରଣ କରୁଥିବା ମାଓବାଦୀମାନେ ସନ୍ଦେହ କରୁଛନ୍ତି। ଫଳରେ ଆଉ କିଛି ଉପାୟ ନ ପାଇ ମାଓବାଦୀମାନେ ମୃତ୍ୟୁଦଣ୍ଡର ଧମକ ଦେଇ ଗ୍ରାମବାସୀଙ୍କୁ ନିଜ ସପକ୍ଷରେ ନେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଉପରୋକ୍ତ ବ୍ୟକ୍ତିମାନଙ୍କ ନିକଟକୁ ଏହି ଚିଠି ମାଓବାଦୀ ନେତା ଅନିଲ୍ କରିଥିବା ଜଣାପଡିଛି।

# ଅଷ୍ଟପ୍ରହର ଚାନ୍ଦା ପାଇଁ ଯୁବକଙ୍କୁ ହତ୍ୟା

**ରସୁଲପୁର,୧୫।୩(ଡି.ଏନ.ଏ.)**


ଶୋକାକୁଳ ପରିବେଶରେ ଟିଟୁଆଙ୍କ ପରିବାର ଓ ସମ୍ପର୍କୀୟ।

- ଅଟକ, ପୋଲିସ ତଦନ୍ତ ଜାରି
- ବଚସାରୁ ହୋଇଥିଲା ଗଣ୍ଡଗୋଳ

ଯାଜପୁର ଜିଲା କୁଆଖିଆ ଥାନା ବାହାଦଲାପୁର ପଞ୍ଚାୟତ ଶରିଫାବାଦ ଗ୍ରାମର ଦଳେଇସାହିରେ ଅଷ୍ଟପ୍ରହର ନାମଯଜ୍ଞ ଚାନ୍ଦା ଆଦାୟକୁ କେନ୍ଦ୍ରକରି ରବିବାର ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ମହେଶ୍ୱର ଦଳେଇଙ୍କ ସାନପୁଅ ନୀଳମଣି ଦଳେଇ ଓରଫ୍ ଟିଟୁଆ(୨୫)ଙ୍କୁ ସେହି ଗ୍ରାମର ୧୦/୧୨ଜଣ ବ୍ୟକ୍ତି ଠେଙ୍ଗାରେ ପିଟି ହତ୍ୟା କରିଥିବା ତାଙ୍କ ମା' ଖୁଲଣା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଆଇପିସି ଦଫା ୧୪୭, ୧୪୮, ୧୪୯, ୩୦୨, ୩୪ରେ ମାମଲା (ନଂ.୯୪/୨୧) ରୁଜୁ କରି ଗ୍ରାମର ୬ ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଟିଟୁଆଙ୍କ କାନମୁଣ୍ଡା, ମୁଣ୍ଡ ଓ ପିଠିରେ ଆଘାତ ଲାଗିଥିବା ଥାନା ଅଧିକାରୀ ମନୋଜ ସ୍ୱାଇଁ ସୂଚନା ଦେଇଛନ୍ତି।

ପୋଲିସ କହିବା ଅନୁସାରେ, ଶନିବାର ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଗ୍ରାମରେ ଚାନ୍ଦା ମଗା ହୋଇଥିଲା। ଏହି ବାବଦକୁ ଖୁଲଣା ୨୦୦୦ ଟଙ୍କା ଦେଇଥିଲେ। ମାତ୍ର ଉକ୍ତ ଚାନ୍ଦାକୁ ନେଇ ସାହିର କେତେଜଣ ଯୁବକଙ୍କ ସହ ତାଙ୍କର ବଚସା ହୋଇଥିଲା। ପରେ ସାହି ଲୋକେ ଖୁଲଣାଙ୍କ ପୁଅ ଟିଟୁଆଙ୍କୁ ମାଡ଼ମାରିବାକୁ ଉଦ୍ୟମ କରିଥିଲେ। ଏଥିସହିତ ତାଙ୍କ ମା' ଦେଇଥିବା ଚାନ୍ଦା ଫେରାଇ ନେବାକୁ କହିଥିଲେ। ଏପରି କି ଗ୍ରାମ କମିଟି ଲୋକେ ଟଙ୍କା ଫେରାଇ ଦେବା ସହ ଗାଳିଗୁଲଜ କରିଥିଲେ। ଏହାକୁ ଟିଟୁଆ ବିରୋଧ କରିଥିଲେ। ଫଳରେ ଗ୍ରାମର ୧୦/୧୨ଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ଟିଟୁଆଙ୍କୁ ଆକ୍ରମଣ କରିଥିଲେ। ଆକ୍ରାମଣକାରୀଙ୍କ ଠେଙ୍ଗା ମାଡ଼ରେ ଟିଟୁଆଙ୍କ ମୁଣ୍ଡ ଓ କାନମୁଣ୍ଡାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରିବାର ଲୋକେ ତାଙ୍କୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଚିକିତ୍ସା କରିବା ପରେ ତାଙ୍କୁ ଘରକୁ ପଠାଇ ଦେଇଥିଲେ। ମାତ୍ର ରବିବାର ରାତିରେ ଟିଟୁଆଙ୍କ ଦେହ ଅଧିକ ଖରାପ ହେବାରୁ ପରିବାର ଲୋକେ ତାଙ୍କୁ ପୁଣି ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସା କରାଯାଇ ଘରକୁ ଅଣାଯିବା ବାଟରେ ଟିଟୁଆଙ୍କ ମୃତ୍ୟୁ ଘଟିଥିଲା। ତଦନ୍ତବେଳେ ପୋଲିସ ଗ୍ରାମର ଏକାଧିକ ବ୍ୟକ୍ତିଙ୍କ ବୟାନ ରେକର୍ଡ କରିଛି। ଆକ୍ରମଣରେ ବ୍ୟବହୃତ ଠେଙ୍ଗାକୁ ପୋଲିସ ଜବତ କରିବା ସହ ଅଟକ ଅଭିଯୁକ୍ତଙ୍କୁ ପଚରାଉଚରା କରିଛି। ଟିଟୁଆଙ୍କ ବଡ଼ ଭାଇ ଓ ବାପା ମାନସିକ ରୋଗରେ ପୀଡ଼ିତ ଥିବାରୁ ଟିଟୁଆ ଗାଡ଼ି ଚଲାଇ ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି।

# ଆରମ୍ଭ ହେଲା 'ଗାନ୍ଧୀ ଶିଳ୍ପ ବଜାର'

**ଭୁବନେଶ୍ୱର, ୧୫।୩ (ବ୍ୟୁରୋ)**

**ଯୋଗଦେଲେ ୧୪ ରାଜ୍ୟର ୧୦୦ ହସ୍ତଶିଳ୍ପ କାରିଗର**

ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିମିଟେଡ୍ (ଉତ୍କଳିକା) ପକ୍ଷରୁ 'ଗାନ୍ଧୀ ଶିଳ୍ପ ବଜାର' ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡିଆରେ ଆରମ୍ଭ ହୋଇଛି। ସୋମବାର ଏହି ମେଳାକୁ ବିଭାଗୀୟ ମନ୍ତ୍ରୀ ପଦ୍ମିନୀ ଦିଆନ ଉଦ୍‌ଘାଟନ କରିଥିଲେ। ଏହି ଜାତୀୟ ପ୍ରଦର୍ଶନୀରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଆସାମ, ଗୋଆ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଆଦି ୧୪ ରାଜ୍ୟରୁ ୧୦୦ଜଣ ହସ୍ତଶିଳ୍ପ କାରିଗର ଭାଗ ନେଇଛନ୍ତି। ଓଡ଼ିଶାର ଡୋକ୍ରା, ପିପିଲିର ଚାନ୍ଦୁଆ କାମ, ତାରକସୀ, କାଠଶିଳ୍ପ, ଶିଙ୍ଗ ଶିଳ୍ପ, ଟସର ପେଣ୍ଟିଂ, ତାଳପତ୍ର ଖୋଦେଇ, ଜନଜାତି ଅଳଙ୍କାର, ସବାଇଘାସ ଆଦି ହସ୍ତଶିଳ୍ପ ସାମଗ୍ରୀ ମେଳାରେ ପ୍ରଦର୍ଶନ ଓ ବିକ୍ରୟ କରାଯାଉଛି। ସେହିପରି ପଶ୍ଚିମବଙ୍ଗର ଟେରାକୋଟା, କନ୍ଥା ସିଲେଇ, ଝାଡ଼ଖଣ୍ଡର ଲୌହଶିଳ୍ପ, ଆସାମର ବାଉଁଶ ଶିଳ୍ପ, ଗୋଆର ଏମ୍ବ୍ରୋଡେରି, ମହାରାଷ୍ଟ୍ରର କୋହ୍ଲାପୁରୀ, ଦିଲ୍ଲୀର ଅଳଙ୍କାର ଭଳି ବହୁ ହସ୍ତଶିଳ୍ପ ସାମଗ୍ରୀ ଏଠାରେ ଉପଲବ୍ଧ ହେଉଛି। ଉଦ୍‌ଘାଟନୀ ଉତ୍ସବରେ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସନାତନ ନାୟକ, ବିଭାଗର ଅତିରିକ୍ତ ସଚିବ କୈଳାସ ଚନ୍ଦ୍ର ସାହୁ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ସ୍ୱୟଂପ୍ରଭା ମୁଦୁଲି, ଭାରତ ସରକାରଙ୍କ ବିକାଶ ଆୟୁକ୍ତ (ହସ୍ତଶିଳ୍ପ)ର ସହକାରୀ ନିର୍ଦ୍ଦେଶିକା କୁମାରୀ ଶୈଳଜା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏହି ମେଳା ପ୍ରତ୍ୟେକ ଦିନ ଅପରାହ୍ନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଚାଲିବ।

# ଛତୁ ଫାର୍ମରେ ପ୍ରସ୍ତୁତ ହେଉଥିଲା ଗୁଟ୍‌ଖା

**ମେଶିନ ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ**

**ବ୍ରହ୍ମପୁର ଅଫିସ/କୁକୁଡାଖଣ୍ଡି,୧୫।୩**


ଜବତ ଗୁଟଖା ଓ ମେଶିନ।

ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକରେ ସକ୍ରିୟ ହେଇଛନ୍ତି ନକଲି ଗୁଟଖା ବେପାରୀ। ସୋମବାର ସନ୍ଧ୍ୟାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବ୍ରହ୍ମପୁର ଉପ-ଜିଲାପାଳ ଭି. କୀର୍ତ୍ତି ଭାଷନ ଜଗଦଳପୁର ଗ୍ରାମ ଠାରୁ କିଛି ଦୂରରେ ଥିବା ଏକ ଛତୁ ଫାର୍ମ ଉପରେ ଚଢ଼ାଉ କରିଥିଲେ। ସେଠାରୁ ଗୁଟୁଖା ପ୍ରସ୍ତୁତକାରି ମେଶିନ ସହ ୨୦୦୦ ପକେଟରୁ ଉର୍ଦ୍ଧ୍ୱ ପରିମାଣର ନକଲି ଗୁଟଖା ପକେଟ ଜବତ କରିଥିବା ସୂଚନା ମିଳିଛି। ଚଢ଼ାଉରେ ଫାର୍ମର ଏକ କୋଠରୀରେ ତାଲା ପଡ଼ିଥିବା ବେଳେ କବାଟ ଭାଙ୍ଗି ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କର୍ମଚାରୀଙ୍କ ସହ ଉପ-ଜିଲାପାଳ ପ୍ରବେଶ କରିଥିଲେ। ସଦର ଥାନା ପୋଲିସ ସେଠାରୁ ଲକ୍ଷାଧିକ ଟଙ୍କାର ପ୍ରସ୍ତୁତକାରି ସାମଗ୍ରୀ ସହ ଯନ୍ତ୍ରପାତି ଜବତ କରିଛି। ଏହି ବେଆଇନ କାରବାର ସହ ଲୋଚାପଡ଼ା ଓ ଜି.ଜଗନ୍ନାଥପୁର ଅଞ୍ଚଳର କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି କୁକୁଡାଖଣ୍ଡି ବ୍ଲକ ଅଞ୍ଚଳରେ ବେଆଇନ ଗୁଟୁଖା ବେପାରୀ ସକ୍ରିୟ ହୋଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫.୦୩.୨୦୨୧

| | |
|---|---|
| ୪,୫୪,୪୦୭ ଟଙ୍କା | |
| ସୁନା | ୧.୮୦୦ ଗ୍ରାମ |
| ରୁପା | ୦୫ ଗ୍ରାମ |

## ଧରାପଡ଼ିଲା ବାଇକ୍ ଲୁଟେରା ଗ୍ୟାଙ୍ଗ୍

### ୪ ବାଇକ୍, ୩ ଇଞ୍ଜିନ ଜବତ, ୪ ଗିରଫ

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

ଖଣ୍ଡଗିରି ଥାନା ପୋଲିସ ସୋମବାର ଏକ ବାଇକ୍ ଲୁଟେରା ଗ୍ୟାଙ୍ଗକୁ ଧରିଛି। ଗ୍ୟାଙ୍ଗ୍‌ର ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୪ ବାଇକ ଓ ୩ ବାଇକ୍ ଇଞ୍ଜିନ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଡୁମୁଡୁମାର ଲକ୍ଷ୍ମୀଧର ତ୍ରିପାଠୀ (୩୫), ଡୁମୁଡୁମା ଶାସ୍ତ୍ରୀନଗରର ହେମନ୍ତ ପାତ୍ର(୧୯), ରଘୁନାଥ ନଗରର କ୍ରିଷ୍ଣା ରେଞ୍ଜୀ(୨୯) ଓ ପଶ୍ଚିମବଙ୍ଗ ମେଦିନୀପୁରର ସେକ ମୋହିନୁଦ୍ଦିନ(୩୨)। ସୂଚନା ମୁତାବକ, ଗତ ୧୩ ତାରିଖ ରାତି ୯ଟା ୨୦ରେ ସୁଶାନ୍ତ କୁମାର ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ଆଡକୁ ବାଇକରେ ଯାଉଥିଲେ। ଏହି ସମୟରେ ଗ୍ୟାଙ୍ଗ୍‌ର ୩ଜଣ ସଦସ୍ୟ ତାଙ୍କୁ ଅଟକାଇ ବାଇକ ଛଡାଇନେଇଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଥିଲା। ତେବେ ଜବତ ଗୋଟିଏ ବାଇକର ନମ୍ବର ପ୍ଲେଟ ରହିଥିବାବେଳେ ୩ଟିରେ ନ ଥିଲା।





ଭୁବନେଶ୍ୱର ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳପଡ଼ିଆରେ ସୋମବାର ଆରମ୍ଭ ହୋଇଥିବା 'କୃଷି ଓଡ଼ିଶା'ରେ କଖାରୁ, ଲେମ୍ବୁ ଓ ଲଙ୍କାରେ ପ୍ରସ୍ତୁତ କଳାକୃତି। କୃଷି ମହୋତ୍ସବ ପରିସରରେ ଜଣେ ଯୁବତୀ ସେଲ୍ଫି ନେଉଛନ୍ତି।

# କୃଷି କ୍ଷେତ୍ର ସଞ୍ଜୀବନୀ ପରି ଅର୍ଥନୀତିକୁ ଶକ୍ତି ଦେଇଛି: ମୁଖ୍ୟମନ୍ତ୍ରୀ

## ଆରମ୍ଭ ହେଲା 'କୃଷି ଓଡ଼ିଶା ୨୦୨୧'

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

କରୋନା ଦେଶର ଅର୍ଥନୀତିକୁ ବିଶେଷ ଭାବେ ପ୍ରଭାବିତ କରିଛି। କିନ୍ତୁ ଆମ କୃଷି କ୍ଷେତ୍ର ହିଁ ସଞ୍ଜୀବନୀ ପରି ଆମ ଅର୍ଥନୀତିକୁ ଶକ୍ତି ଦେଇଛି। ତେଣୁ ଚାଷୀର ପରିଶ୍ରମ ଓ ତ୍ୟାଗକୁ ମୁଁ ସମ୍ମାନ ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆଠାରେ କୃଷି ମହୋତ୍ସବ 'କୃଷି ଓଡ଼ିଶା-୨୦୨୧'କୁ ଭର୍ଚୁଆଲରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ସେ କହିଛନ୍ତି, ଚାଷୀ ଯେପରି ତା'ର ଉତ୍ପାଦିତ ଜିନିଷର ଉଚିତ ମୂଲ୍ୟ ପାଇବ, ଠିକ୍‌ସମୟରେ ସାର, ବିହନ ଓ ଋଣ ସହାୟତା ପାଇବ ତା' ଉପରେ ମୁଁ ସବୁବେଳେ ଗୁରୁତ୍ୱ ଦେଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଚାଷୀମାନଙ୍କୁ ୨୦ହଜାର କୋଟିରୁ ଅଧିକ ଟଙ୍କା ଋଣ ଆକାରରେ ଯୋଗାଇ ଦିଆଯାଇଛି। ନିକଟରେ କାଳିଆ ଯୋଜନାରେ ୧,୨୭୨ କୋଟି ଟଙ୍କା ସହାୟତା ଦିଆଯାଇଛି। ଏମ୍ଏସ୍‌ପି ବୃଦ୍ଧି ପାଇଁ ଆମ ଲଢ଼େଇ ଜାରି ରହିଛି ଓ ରହିବ। ସରକାରଙ୍କ ବିଭିନ୍ନ ଯୋଜନାର ସୁଯୋଗ ନେବା ସହିତ ନୂଆ ବୈଷୟିକ କୌଶଳର ପ୍ରୟୋଗ ପାଇଁ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କୁ ଅନୁରୋଧ କରିଛନ୍ତି। 'କୃଷି ଓଡ଼ିଶା' ଆମର ସଫଳ ଚାଷୀଙ୍କର ଏକ ସୁନ୍ଦର ସମାବେଶ। ଖୁସିର କଥା, ପ୍ରତିବର୍ଷ ଏଥିରେ ଅଧିକରୁ ଅଧିକ ଚାଷୀ ଭାଗ ନେଉଛନ୍ତି। ଆମର ଚାଷୀ ଭଉଣୀଭାଇଙ୍କ ଦକ୍ଷତା ଓ ସଫଳତାକୁ ପ୍ରତିପାଦିତ କରିବା ପାଇଁ 'କୃଷି ଓଡ଼ିଶା' ଏକ ସୁଯୋଗ ସୃଷ୍ଟି କରିଛି। ବର୍ତ୍ତମାନ ଚାଷୀଭାଇଙ୍କ ସଫଳ କାହାଣୀ ଖବରକାଗଜରେ ସ୍ଥାନ ପାଉଛି। କେତେକ ସ୍ଥାନରେ ଲୋକମାନେ ଚାକିରି ଛାଡ଼ି ଚାଷକୁ ପସନ୍ଦ କରୁଥିବା ଖବର ମଧ୍ୟ ଆସୁଛି। ବିଶେଷକରି ଉଦ୍ୟାନ କୃଷି ଫସଲ ଅଧିକ ଲାଭଜନକ ହୋଇପାରୁଛି। ମିଲେଟ୍ ମିଶନରେ ଆମ ରାଜ୍ୟ ସାରା ଦେଶରେ ଦୃଷ୍ଟି ଆକର୍ଷଣ କରିପାରିଛି। କଳାହାଣ୍ଡିର ଚାଷୀ ମାଛଚାଷରେ ସାରା ଦେଶରେ ପ୍ରଥମ ହୋଇଛି। ଆମର ଚାଷୀଭାଇଙ୍କ ସଫଳତା ପାଇଁ ମୁଁ ଗର୍ବିତ। ଓଡ଼ିଶାର ଚାଷୀ କାହାଠାରୁ କମ୍ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି(ଫିକି) ସହଯୋଗିତାରେ ଆୟୋଜିତ ଏହି କୃଷି ମହୋତ୍ସବର ବିଷୟବସ୍ତୁ ରହିଛି 'ସମନ୍ୱିତ ଚାଷ, ଚାଷୀର ବିକାଶ'। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଅରୁଣ କୁମାର ସାହୁ ସଭାପତିତ୍ୱ କରି କହିଲେ, ଆମ ରାଜ୍ୟ ଗତ ୨୦ବର୍ଷ ମଧ୍ୟରେ ୩୩ଟି ପ୍ରାକୃତିକ ଦୁର୍ବିପାକ ଦେଖିଛି। ତଥାପି କୃଷି ଉତ୍ପାଦନରେ ବୃଦ୍ଧି ପାଇଛି। ପାଳଛତୁ ଚାଷରେ ଆମ ରାଜ୍ୟ ଦେଶରେ ପ୍ରଥମ ସ୍ଥାନରେ ଥିବାବେଳେ ଛତୁ ଉତ୍ପାଦନରେ ଦ୍ୱିତୀୟରେ ରହିଛି। ସମ୍ମାନିତ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଯୋଗଦେଇ କୃଷି ଓ କୃଷକ ବିନା ଦେଶ ଅଗ୍ରଗତି ଅସମ୍ଭବ ବୋଲି ଗୁରୁତ୍ୱାରୋପ କରିଥିଲେ। କୃଷି ଉତ୍ପାଦନ କମିଶନ ରାଜ୍ କୁମାର ଶର୍ମା ଯୋଗଦେଇ ଦେଶରେ କୃଷକଙ୍କ ଆୟ ୩.୭% ଥିବାବେଳେ ଓଡ଼ିଶାରେ ଏହା ୮.୪% ରହିଥିବା କହିଥିଲେ। ଫିକିର ସେକ୍ରେଟେରୀ ଜେନେରାଲ ଦିଲୀପ ଚେନୟ ଆଗାମୀ ଦିନରେ କୃଷିର ବିକାଶ ତଥା କୃଷକଙ୍କ ଆୟ ବୃଦ୍ଧି ପାଇଁ ଫିକି ସର୍ବଦା ଓଡ଼ିଶା ସରକାରଙ୍କୁ ସହାୟତା କରିବ ବୋଲି କହିଛନ୍ତି। ବିଭାଗର ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ସ୍ୱାଗତ ଭାଷଣରେ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅତିଥିମାନେ କୃଷି ଓଡ଼ିଶାର ସ୍ମରଣିକା ଉନ୍ମୋଚନ କରିବା ସହିତ ୩୦ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦ କମିଶନର ତଥା ସଚିବ ଆର୍. ରଘୁ ପ୍ରସାଦ ଧନ୍ୟବାଦ ଦେଇଥିଲେ। ଏହି ମହୋତ୍ସବ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ।



'କୃଷି ଓଡ଼ିଶା-୨୦୨୧' ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ କୃଷି ଓଡ଼ିଶାର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ବିଏମ୍‌ସି ପକ୍ଷରୁ ସଫେଇମିତ୍ରଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୧୫।୩ (ବ୍ୟୁରୋ)

ବିଏମ୍‌ସି ପକ୍ଷରୁ ସୋମବାର ସଫେଇମିତ୍ରଙ୍କ ପାଇଁ ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପ ପରିସରରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଏମ୍‌ସିର ଅତିରିକ୍ତ କମିଶନର ଅବନିକାନ୍ତ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପରିମଳ ଓ ସ୍ୱାସ୍ଥ୍ୟ ରକ୍ଷାରେ ସଫେଇମିତ୍ର ମାନଙ୍କର ଅବଦାନ ଅତୁଳନୀୟ। ସମସ୍ତଙ୍କ ପାଇଁ କାର୍ଯ୍ୟ କରୁଥିବା ସଫେଇମିତ୍ରଙ୍କ ସ୍ୱାସ୍ଥ୍ୟର ଯତ୍ନ ନିହାତି ଆବଶ୍ୟକ। ତେଣୁ ଏ ଦିଗରେ ସେମାନଙ୍କୁ ପ୍ରୋତ୍ସାହନ ସ୍ୱରୂପ ଆଜିର ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି ବୋଲି ଡେପୁଟି କମିଶନର ଶୁଭେନ୍ଦୁ କହିଥିଲେ। ୩୩୫ ଜଣ ସଫେଇମିତ୍ର ଏହି ସ୍ୱାସ୍ଥ୍ୟ ଶିବିର ଦ୍ୱାରା ଉପକୃତ ହୋଇଥିବାବେଳେ ୨୦୦ ଜଣଙ୍କର ରକ୍ତ ନମୁନା ନିଆଯାଇ ପରୀକ୍ଷା କରାଯାଇଥିଲା। ଆବଶ୍ୟକ ଔଷଧ ଓ ସାନିଟାଇଜର ବିନା ମୂଲ୍ୟରେ ପ୍ରଦାନ କରାଯାଇଥିଲା। ସେଣ୍ଟ୍ରାଲ୍ ମାଇନ୍ ପ୍ଲାନିଂ ଆଣ୍ଡ୍ ଡିଜାଇନ୍ ଇନ୍‌ଷ୍ଟିଚ୍ୟୁଟ୍ (ସିଏମ୍‌ପିଡ଼ିଆଇ) ସହଭାଗିତାରେ ଅନୁଷ୍ଠିତ ହୋଇଥିବା ଏହି ଶିବିରର ଉଦ୍‌ଘାଟନୀ ଅବସରରେ ବିଏମ୍‌ସିର ଡେପୁଟି କମିଶନର (ହେଲ୍‌ଥ ଆଣ୍ଡ୍ ସାନିଟେଶନ) ଶୁଭେନ୍ଦୁ କୁମାର ସାହୁ, ଜୋନାଲ୍ ଡେପୁଟି କମିଶନର ନର୍ଥ ପୁରନ୍ଦର ନନ୍ଦ, ସିଟି ହେଲ୍‌ଥ ଅଫିସର ଡ଼. ବସନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପୁରୀରେ ସୁଭାଷ ବୋଷ ଓ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପ୍ରସଙ୍ଗ

## ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ

ପୁରୀ ଅଫିସ, ୧୫।୩

ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୁରୀରେ ସୁଭାଷ ଚନ୍ଦ୍ର ବୋଷ ଏବଂ ଜୟୀ ରାଜଗୁରୁଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ ଓ ରେଳଷ୍ଟେଶନ ପ୍ରବେଶ ପଥରେ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସରକାର ନେଇଥିବା ନିଷ୍ପତ୍ତିକୁ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ସ୍ୱାଗତ କରିଛି। ଏଥିଲାଗି ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ବିଭାଗୀୟ କମିଶନର ଏବଂ ନିର୍ଦ୍ଦେଶକଙ୍କୁ ପରିଷଦ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ପରିଷଦ ସମ୍ପାଦକ ଜଟାଧାରୀ ମିଶ୍ର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ଯେ, ସୁଭାଷ ବୋଷଙ୍କ ସମ୍ପତ୍ତି ଚିହ୍ନଟ ପରେ ଏହା ଏକ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇବା ସହିତ ପୁରୀ ସହରର ମର୍ଯ୍ୟାଦା ବୃଦ୍ଧି ହେବ। ସେହିପରି ଜୟୀ ରାଜଗୁରୁ ଭାରତ ବର୍ଷର ପ୍ରଥମ ଶହୀଦ। ତାଙ୍କ ପ୍ରତିମୂର୍ତ୍ତି ପୁରୀ ରେଳଷ୍ଟେଶନ ମୁଖ୍ୟ ଫାଟକ ପରିସରରେ ରଖାଗଲେ ଯାତ୍ରୀମାନେ ତାଙ୍କ ବିଷୟରେ ଅନେକ ତଥ୍ୟ ଜାଣିପାରିବେ। ପରିଷଦ ପକ୍ଷରୁ ଏ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ରେଲୱେ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ ଚାଲିଛି। ଜୟୀ ରାଜଗୁରୁଙ୍କ ସମ୍ପର୍କରେ ଗବେଷଣା ପାଇଁ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଏକ ଚେୟାର ସ୍ଥାପନ ଲାଗି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଘୋଷଣା କରିଥିଲେ। ବର୍ତ୍ତମାନ ଏହି ଚେୟାର ସ୍ଥାପନ କରାଯିବାକୁ ପରିଷଦ କର୍ମକର୍ତ୍ତା ଦାବି କରିଛନ୍ତି।

# ହେଲିକପ୍ଟର ନିର୍ମାଣ ଆଶାରେ ଅଭିମନ୍ୟୁ

### ଅର୍ଥ, ଅତ୍ୟାଧୁନିକ ଜ୍ଞାନକୌଶଳ ଆବଶ୍ୟକ

ଫୁଲନଖରା, ୧୫।୩(ଡି.ଏନ.ଏ.)



କଟକ ଜିଲା ବାରଙ୍ଗ ବ୍ଲକ ସାଇଁସୋ ପଞ୍ଚାୟତ ଅନ୍ତର୍ଗତ ଉତ୍ତର ଗବବସ୍ତ ଗ୍ରାମର ଅଭିମନ୍ୟୁ ସାମଲ। କିଛି ନୂଆ କରିବାର ଇଚ୍ଛାଶକ୍ତି ପିଲାବେଳୁ ରହିଥିଲା। ହଠାତ୍ ଦିନେ ସ୍ୱଦେଶୀ ଜ୍ଞାନକୌଶଳରେ ହେଲିକପ୍ଟର ନିର୍ମାଣ କରିବା ପାଇଁ ମନସ୍ଥ କରିଥିଲେ। ୨୦୧୨ ଜୁଲାଇରେ ଲୁହା ପାଇପ, ଆବଶ୍ୟକ ସରଞ୍ଜାମ, ପୁରୁଣା ଟାୟାର ଓ ସ୍କୁଟର ଇଞ୍ଜିନ ସହାୟତାରେ ନିଜ ଘର ପାଖରେ ୧୮ ଫୁଟ ଲମ୍ବ ଓ ୧୦ ଫୁଟ ଚଉଡା ବିଶିଷ୍ଟ ଏକ ହେଲିକପ୍ଟର ନିର୍ମାଣ କରି ଚର୍ଚ୍ଚାର ପରିସରକୁ ଆସିଥିଲେ। ସେତେବେଳେ ଏହି ହେଲିକପ୍ଟର ଦେଖିବା ପାଇଁ ବହୁ ନେତା, ମନ୍ତ୍ରୀ ଓ ଇଞ୍ଜିନିୟରଙ୍କ ସମେତ ଆଖପାଖ ଅଞ୍ଚଳର ଲୋକ ତାଙ୍କ ଘରେ ପହଞ୍ଚିଥିଲେ। ହେଲେ ଉକ୍ତ ହେଲିକପ୍ଟର ତଳେ ଗଡିବା ସହ ତାର ପଙ୍ଖା ବୁଲିଥିବାବେଳେ ଏହା ଉପରକୁ ଉଠି ପାରି ନ ଥିଲା। ଏଥିପାଇଁ ସରକାରୀ ଅନୁମତି, ସାହାଯ୍ୟ ସହଯୋଗ ନ ମିଳିବାରୁ ଅଭିମନ୍ୟୁ ଚୁପ୍ ହୋଇ ରହିଯାଇଥିଲେ। ଏବେ ପୁଣି ଥରେ ସେ ଏହି ହେଲିକପ୍ଟର ନିର୍ମାଣ କରିବାକୁ ମନ ବଳାଇଛନ୍ତି। ମାତ୍ର ଏହି ହେଲିକପ୍ଟର ଉଡିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଅଧିକ ସରଞ୍ଜାମର ଆବଶ୍ୟକତା ରହିଛି। ସରଞ୍ଜାମ କିଣିବାକୁ ଅର୍ଥ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ପାଇଁ ବରିଷ୍ଠ ଇଞ୍ଜିନିୟରମାନଙ୍କ ସହଯୋଗ ଦରକାର। ଯଦି ଏହା ମିଳେ ତା'ହେଲେ ତାଙ୍କ ସ୍ୱପ୍ନ ପୂରଣ ହୋଇପାରନ୍ତା ବୋଲି ଅଭିମନ୍ୟୁ କହିଛନ୍ତି।

ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଅଭିମନ୍ୟୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢିଥିଲେ। ଘରର ବଡପୁଅ ହୋଇଥିବାରୁ ପରିବାର ପ୍ରତିପୋଷଣ କରିବା ଦାୟିତ୍ୱ ତାଙ୍କ ଉପରେ ରହିଥିଲା। ଫଳରେ ସେ ଅଧାରୁ ପାଠ ଛାଡି କଟକ-ଭୁବନେଶ୍ୱରରେ ବିଭିନ୍ନ ଗ୍ୟାରେଜରେ କାମ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ବିବାହ ହୋଇଥିବାବେଳେ ଏବେ ତାଙ୍କର ଗୋଟିଏ ଝିଅ ଓ ପୁଅ ଅଛନ୍ତି। ଏବେ ସେ ଗାଡ଼ି ମେକାନିକ ଓ ୱେଲ୍ଡିଂ ମିସ୍ତ୍ରି ଭାବେ ଆଖପାଖ ଅଞ୍ଚଳରେ ପରିଚିତ। ସୀମିତ ରୋଜଗାର ମଧ୍ୟରେ ପରିବାର ଚଳିବା କଷ୍ଟକର ହୋଇପଡୁଛି। ଆକାଶରେ ଉଡ଼ିବା ସହ ଅନ୍ୟମାନଙ୍କୁ ଉଡ଼ିବାର ସୁଯୋଗ ଦେବାପାଇଁ ଆଶା ରଖି ମୁଁ ହେଲିକପ୍ଟର ନିର୍ମାଣ କାର୍ଯ୍ୟ ଚାଲୁ ରଖିଛନ୍ତି ବୋଲି ଅଭିମନ୍ୟୁ କହିଛନ୍ତି।

## ବାଟ ଭୁଲି ଜଙ୍କିଆରୁ ଭୁବନେଶ୍ୱର

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

ଲକ୍ଷ୍ମୀସାଗର ଅଞ୍ଚଳରେ ଅସହାୟ ଅବସ୍ଥାରେ ବୁଲୁଥିବା ଜଣେ ବୃଦ୍ଧାଙ୍କୁ ସ୍ଥାନୀୟ ଲୋକେ ଥାନାରେ ଛାଡିଛନ୍ତି। ତାଙ୍କ ନାମ ଭାବନୀ ଛୁଆଲସିଂ(୮୦)। ଘର ଖୋର୍ଦ୍ଧା ଜିଲା ଜଙ୍କିଆ ନିକଟ ଧଉଳିମୁହଁ ଗାଁରେ। ଘରେ ତାଙ୍କର ଶ୍ୟାମ ଓ ପ୍ରଶାନ୍ତ ନାମରେ ୨ ପୁଅ ରହିଥିବା କହିଛନ୍ତି। ତେବେ ସେ ବାଟ ଭୁଲି ଭୁବନେଶ୍ୱର ଚାଲିଆସିଥିବା ଜଣାପଡିଛି। ରବିବାର ରାତିରେ ଲକ୍ଷ୍ମୀସାଗର ଇଲେକଟ୍ରିକ ଅଫିସ ନିକଟରେ ଅଷ୍ଟପ୍ରହରୀ ଚାଲିଥିଲା। ରାତି ପ୍ରାୟ ୧୦ଟାରେ ବୃଦ୍ଧାଙ୍କୁ ସ୍ଥାନୀୟ ବାସିନ୍ଦା ଠାବ କରିବା ସହ ଖାଇବାକୁ ଦେଇଥିଲେ। ସୋମବାର ତପସ୍ୱିନୀ ସାହୁଙ୍କ ସମେତ କେତେଜଣ ସ୍ଥାନୀୟ ବାସିନ୍ଦା ତାଙ୍କୁ ନେଇ ଲକ୍ଷ୍ମୀସାଗର ଥାନାରେ ପହଞ୍ଚିଥିଲେ। ପରେ ଥାନା ତରଫରୁ ବୃଦ୍ଧାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରାଯାଇଛି। ବୃଦ୍ଧାଜଣକ କେଉଁ ପରିସ୍ଥିତିରେ ରାଜଧାନୀ ଆସିଲେ ତାହା ଜଣାପଡି ନାହିଁ।

## ଷ୍ଟ୍ରିଟ୍ କ୍ରାଇମ୍ ରୋକିବାକୁ ହ୍ୱାଟ୍‌ସଆପ୍ ଗ୍ରୁପ୍

### ନମ୍ବର ଜାରିକଲା କମିଶନରେଟ୍ ପୋଲିସ

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

ଭୁବନେଶ୍ୱରରେ ବଢ଼ି ଚାଲିଥିବା ଲୁଟ୍, ଛିନ୍‌ତାଇ ଭଳି 'ଷ୍ଟ୍ରିଟ୍ କ୍ରାଇମ୍'କୁ ନେଇ କମିଶନରେଟ ପୋଲିସର ଚିନ୍ତା ବଢ଼ିଛି। ରାଜଧାନୀବାସୀଙ୍କୁ ସୁରକ୍ଷା ଦେବା ସହ ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡ଼ାଇବା ପାଇଁ ଏବେ ଅଣ୍ଟା ଭିଡିଛି। ଷ୍ଟ୍ରିଟ୍ କ୍ରାଇମ ରୋକିବା ପାଇଁ କିଛିଦିନ ତଳେ ଭୁବନେଶ୍ୱରର ପ୍ରତି ଥାନାରେ ସ୍ପେଶାଲ୍ ସ୍କ୍ୱାଡ୍ ଗଠନ କରାଯାଇଥିବାବେଳେ ଏ କ୍ଷେତ୍ରରେ ଜନସାଧାରଣଙ୍କ ସହଯୋଗ ଲୋଡ଼ାଯାଇଛି। ଏଥିପାଇଁ ରବିବାର କମିଶନରେଟ୍ ପୋଲିସ ପକ୍ଷରୁ ହ୍ୱାଟ୍‌ସଆପ୍ ନମ୍ବର ଜାରି କରାଯାଇଛି। କୌଣସି ପ୍ରକାର ଷ୍ଟ୍ରିଟ୍ କ୍ରାଇମ୍‌ର ଶିକାର ହେଲେ କିମ୍ବା ଅପରାଧ ଦେଖିଲେ ଏ ସମ୍ପର୍କରେ ହ୍ୱାଟସ୍‌ଆପ୍ ନଂ.୭୦୭୭୭୯୮୧୧୧ରେ ମେସେଜ୍ କରି ଜଣାଇବାକୁ ନିବେଦନ କରାଯାଇଛି। ଏହି ହ୍ୱାଟସ୍‌ଆପ ଗ୍ରୁପ୍‌ରେ ସମସ୍ତ ଥାନାର ସ୍ପେଶାଲ୍ ସ୍କ୍ୱାଡ୍‌କୁ ସାମିଲ୍ କରାଯାଇଛି। ଷ୍ଟ୍ରିଟ୍ କ୍ରାଇମ ସମ୍ପର୍କରେ ସୂଚନା ପାଇବା ମାତ୍ରେ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ତୁରନ୍ତ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବ। ଏହାଦ୍ୱାରା ଆପରାଧିକ କାର୍ଯ୍ୟକଳାପ ହ୍ରାସ ପାଇବା ସହ ଷ୍ଟ୍ରିଟ୍ କ୍ରାଇମକୁ ରୋକାଯାଇପାରିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି। ଏଥିସହିତ ଅଭିଯୋଗକାରୀ ମାମଲାର ଅଗ୍ରଗତି ସମ୍ପର୍କରେ ମଧ୍ୟ ଏହି ଗ୍ରୁପ୍‌ରୁ ତଥ୍ୟ ପାଇପାରିବେ ବୋଲି ଡିସିପି ସୂଚନା ଦେଇଛନ୍ତି।




ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଘରୋଇକରଣକୁ ବିରୋଧ ସହ ଅନ୍ୟାନ୍ୟ ଦାବି ନେଇ ଦୁଇଦିନିଆ ଧର୍ମଘଟର ପ୍ରଥମ ଦିନ ସୋମବାର ଭୁବନେଶ୍ୱରସ୍ଥିତ ଏସ୍‌ବିଆଇ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଭାର୍ଗବୀ ସେତୁ ନିର୍ମାଣ ତୁରନ୍ତ ସାରିବାକୁ ନିର୍ଦ୍ଦେଶ

- ଓସିସି ଦ୍ୱାରା କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ ପରାମର୍ଶ
- ମାର୍ଚ୍ଚ ଶେଷ ସୁଦ୍ଧ ବକେୟା କାର୍ଯ୍ୟ ପାଇଁ ଟେଣ୍ଡର
- ସୁନାମୁହିଁ ନଦୀ ଉପରେ ସ୍ଲୁଇସ୍ ନିର୍ମାଣ ଖୁବ୍‌ଶୀଘ୍ର

ଭୁବନେଶ୍ୱର, ୧୫।୩(ବ୍ୟୁରୋ)



ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅଧିକାରୀମାନେ।

ପୁରୀ ସଦର ବ୍ଲକ୍ ଅନ୍ତର୍ଗତ ମାଳିସାହି ନିକଟରେ ଭାର୍ଗବୀ ନଦୀ ଉପରେ ନିର୍ମାଣାଧୀନ ସେତୁର ଅବଶିଷ୍ଟ କାର୍ଯ୍ୟକୁ ଓଡ଼ିଶା ନିର୍ମାଣ ନିଗମ(ଓସିସି) ମାଧ୍ୟମରେ ତୁରନ୍ତ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଲୋକସେବା ଭବନରେ ଏହି ସେତୁ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ବୈଠକ ବସିଥିଲା। ପୂର୍ଣ୍ଣାଙ୍ଗ ଓ ବ୍ୟବହାର ଉପଯୋଗୀ ନିମନ୍ତେ ଆବଶ୍ୟକ ପଡୁଥିବା କାମର ବୈଷୟିକ ତଥା ଆର୍ଥିକ ଆକଳନ ଆଦି ଶେଷ କରି ମାର୍ଚ୍ଚ ଶେଷ ସୁଦ୍ଧା ଟେଣ୍ଡର କରିବା ପାଇଁ ମୁଖ୍ୟ ଶାସନ ସଚିବ କାର୍ଯ୍ୟ ଖସଡ଼ା ଧାର୍ଯ୍ୟ କରିଛନ୍ତି।

ବୈଠକରେ ଯୋଜନା ବୋର୍ଡର ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ସେତୁ କାର୍ଯ୍ୟର ପୂର୍ଣ୍ଣାଙ୍ଗ ପ୍ରସଙ୍ଗ ଉତ୍ଥାପନ କରିବା ସହ ସୁନାମୁହିଁ ନଦୀରେ ଲୁଣାପାଣି ନିୟନ୍ତ୍ରଣ ସ୍ଲୁଇସ୍ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସୁନାମୁହିଁ ନଦୀରେ ଥିବା ମଧୁରଜଳକୁ ଜଳସେଚନ ପାଇଁ ବ୍ୟବହାର ଉପଯୋଗୀ କରିବା ନେଇ ଆଲୋଚନା ହୋଇଥିଲା। ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ନରସିଂହପାଟଣାଠାରେ ଏହି ସ୍ଲୁଇସ୍ ନିର୍ମାଣ ଅଧିକ ସୁବିଧାଜନକ ଓ ଫଳପ୍ରସୂ ହେବ ବୋଲି ଆଲୋଚନାରୁ ଜଣାପଡ଼ିଛି। ଏହି ସ୍ଲୁଇସ୍ ବାଲିହରଚଣ୍ଡୀ ଦିଗରୁ ଆସୁଥିବା ଲୁଣାପାଣିକୁ ରୋକିବ। ଏହି କାମ ନିମନ୍ତେ ବୈଷୟିକ ଆକଳନ ଓ ଡିଜାଇନ ଆଦି ୧୦ଦିନ ମଧ୍ୟରେ ଶେଷ କରିବା ସହ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ପ୍ରସ୍ତାବିତ ଓ ଅନୁମୋଦିତ ଏହି ସ୍ଲୁଇସ୍ ନିର୍ମାଣ ହେଲେ ଆମ୍ବପଡ଼ା ଓ ଗୋରୁଆଳ ପଞ୍ଚାୟତର ଚାଷୀମାନେ ବିଶେଷ ଭାବେ ଉପକୃତ ହେବେ। ଏହାସହ ହଜାର ହଜାର ଏକର ଚାଷ ଜମିରେ ଉଭୟ ଖରିଫ୍ ଓ ରବି ଚାଷ ଭଲ ଭାବେ ହୋଇପାରିବ ବୋଲି ସଞ୍ଜୟ ଦାସବର୍ମା କହିଛନ୍ତି। ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଏହି ଦୁଇଟି ପ୍ରକଳ୍ପର ଆବଶ୍ୟକତା, ଅନୁମୋଦନ, ଆର୍ଥିକ ଓ ପ୍ରଶାସନିକ ଦିଗ ସମ୍ବନ୍ଧିତ ସଦ୍ୟ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ଜଳ ସମ୍ପଦ ବିଭାଗର ବରିଷ୍ଠ ଯନ୍ତ୍ରୀଙ୍କ ସହ ରାଜ୍ୟ ଯୋଜନା ବୋର୍ଡର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନରାଜରୁ କୁଟୁରା ଉଦ୍ଧାର

ବାରଙ୍ଗ,(ଡି.ଏନ୍.ଏ.): ଗୋଡ଼ିସାହି ଫାଣ୍ଡି ଅଧୀନ ନରାଜ ଗ୍ରାମରୁ ସୋମବାର ସନ୍ଧ୍ୟାରେ ଏକ ମାଈ ୫/୬ବର୍ଷର କୁଟୁରାକୁ ବନ ବିଭାଗ ଉଦ୍ଧାର କରିଛି। ଏହି କୁଟୁରାଟିକୁ କୁକୁରମାନେ ଗୋଡ଼ାଇବାରୁ ସେ ନରାଜ ଗ୍ରାମରେ ପଶିଯାଇଥିଲା। ବନଦୁର୍ଗା କ୍ଲବର ସଦସ୍ୟମାନେ ଏହା ଦେଖିବା ସହ କୁକୁରମାନଙ୍କ କବଳରୁ କୁଟୁରାଟିକୁ ଉଦ୍ଧାର କରି କ୍ଲବ ଘରେ ରଖିବା ସହ ବନ ବିଭାଗକୁ ଜଣାଇଥିଲେ। ଖବରପାଇ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର କର୍ମଚାରୀମାନେ ଆସି କୁଟୁରାଟିକୁ ନେଇଯାଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ତ୍ରିଧାରା ପକ୍ଷରୁ ୩୪ତମ ଶ୍ରଦ୍ଧାଞ୍ଜଳି ସମାରୋହ, ରବୀନ୍ଦ୍ର ମଣ୍ଡପ, ସକାଳ ୯ଟାରୁ ଆରମ୍ଭ।
- ଓଡ଼ିଶା ରାଜ୍ୟ ସାକ୍ଷର ଭାରତ କର୍ମଚାରୀ ସଂଘ ପକ୍ଷରୁ ଶୋଭାଯାତ୍ରା ଓ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ ଛକରୁ ବିଧାନସଭା, ପୂର୍ବାହ୍ନ ୧୧ଟା।
- ନୀଳାଚଳ ଏକ୍ସକ୍ୟୁଟିଭ ଆସୋସିଏଶନ ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- କୃଷି ଓଡ଼ିଶା, ବିଜୁ ପଟ୍ଟନାୟକ ଖେଳପଡ଼ିଆ , ବରମୁଣ୍ଡା, ଅପରାହ୍ନ ୩ଟା ୩୦।
- ୧୩ତମ କଳିଙ୍ଗ ହରବାଲ ମେଳା ଉଦ୍‌ଘାଟନ, ଇଡ଼କୋ ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୫ଟା ୩୦।
- ଭୁବନେଶ୍ୱର ଭଞ୍ଜ ଭାରତୀ ପକ୍ଷରୁ ସାହିତ୍ୟ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- କବି ଡ. ପ୍ରସନ୍ନ ମିଶ୍ରଙ୍କ ଜୟନ୍ତୀ ଉପଲକ୍ଷେ ଫାଲଗୁନ ଆସର, ଜୟ ଭାରତ ଭବନ, ନିକୋ ପାର୍କ ଛକ, ସନ୍ଧ୍ୟା ୬ଟା।
- ମୋରିସ ଗ୍ୟାରେଜ(ଏମ୍‌ଜି) ପକ୍ଷରୁ ଇଲେକ୍ଟ୍ରିକ ଗାଡ଼ି ଉଦ୍‌ଘାଟନ ସମାରୋହ, ଆପେକ୍ସ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ନିକଟ, ପାହାଳ, ସନ୍ଧ୍ୟା ୬ଟା।

# ନନ୍ଦନକାନନରୁ ରାଜସ୍ଥାନ ଯିବେ ୪୭ ପଶୁପକ୍ଷୀ

ବାରଙ୍ଗ,୧୫।୩(ଡି.ଏନ୍.ଏ.)

- ନେବାକୁ ଆସିଲେ ୬ ଜଣିଆ ଟିମ୍
- ଅଦଳବଦଳରେ ୮ଜନ୍ତୁ ଆସିବେ

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ପୁଣି ଆରମ୍ଭ ହେବାକୁ ଯାଉଛି। ଏଠାରୁ ପ୍ରାୟ ୫ ପ୍ରଜାତିର ୪୭ଟି ପଶୁପକ୍ଷୀ ରାଜସ୍ଥାନ ଯିବାକୁ ଥିବାବେଳେ ସେଠାରୁ ୪ ପ୍ରଜାତିର ୮ଟି ଜନ୍ତୁ ଆସିବେ। ଏଥିନିମନ୍ତେ ଉଭୟ ଚିଡ଼ିଆଖାନାର ସହମତି ମିଳିସାରିଛି। ଏଥିପାଇଁ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ମଧ୍ୟ ସବୁଜ ସଙ୍କେତ ଦେଇସାରିଛନ୍ତି। ଏହି ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନରୁ ଅଣ୍ଡିରା ଧଳାବାଘ ଚିନୁ, ମାଈ ସାଧାରଣ ବାଘ ରାଣୀ, ଗୋଟିଏ ଅଣ୍ଡିରା ବାର୍‌ହା, ୩୦ଟି ଜେବ୍ରା ଫିଞ୍ଚ ଚଢ଼େଇ, ୧୪ଟି ଜାଭା ସ୍ପାରୋ ଚଢ଼େଇ ରାଜସ୍ଥାନର ଜୟପୁର ନହରଗଡ଼ ଜୈବ ଉଦ୍ୟାନକୁ ପଠାଯିବ। ଏହି ପଶୁପକ୍ଷୀଙ୍କୁ ନେବାଲାଗି ନହରଗଡ ଜୈବ ଉଦ୍ୟାନର ଜଣେ ପ୍ରାଣୀ ଚିକିତ୍ସକ, ଫରେଷ୍ଟର, ଫରେଷ୍ଟଗାର୍ଡ ଓ ଜନ୍ତୁ ରକ୍ଷକଙ୍କ ସମେତ ୬ଜଣିଆ ଟିମ ରବିବାର ବିଳମ୍ବିତ ରାତିରେ ନନ୍ଦନକାନନରେ ପହଞ୍ଚିଛନ୍ତି। ମଙ୍ଗଳବାର ୪୭ ପଶୁପକ୍ଷୀଙ୍କୁ କୌଶଳକ୍ରମେ କରି ଧରିବା ପରେ ରାଜସ୍ଥାନରୁ ଆସିଥିବା ଟ୍ରକରେ ନହରଗଡ ନିଆଯିବ। ପ୍ରତିବଦଳରେ ସେଠାରୁ ହଳେ କଳରାପତରିଆ ବାଘ, ହଳେ ଭାରତୀୟ ଧୂସର ଗଧିଆ, ୨ଅଣ୍ଡିରା ଘଡ଼ିଆଳ କୁମ୍ଭୀର ଓ ୨ ଅଣ୍ଡିରା ଚିଙ୍କାରା ହରିଣ ଆଦି ଜନ୍ତୁ ଆସିବେ। ଏ ନେଇ ନନ୍ଦନକାନନର ଏକ ଟିମ କେବେ ଯିବେ ସେନେଇ କୌଣସି ନିଷ୍ପତ୍ତି ହୋଇ ନାହିଁ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି।

## ସେଲ୍‌ଫି କର୍ନରରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦିବ୍ୟରୂପା


@ ସିମରନ୍


@ ଅନିଲ


@ ଶିବପ୍ରସାଦ


@ ରିଙ୍କୁ


@ ହାପି


@ ଅଜୟ

# ଆଶ୍ୱସ୍ତ ହେଲେ, ବିଏମ୍‌ସି ଉପରେ ତାତିଲେ

## ବର୍ଦ୍ଧିତ ହୋଲ୍ଡିଂ ଟିକସ ନିଷ୍ପତ୍ତି ସ୍ଥଗିତ ପରେ...

୨୦୧୯ ଅକ୍ଟୋବରରେ ବିଭିନ୍ନ ରାଜସ୍ୱ ଗ୍ରାମର ବେଞ୍ଚ ମାର୍କ ମୂଲ୍ୟ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ନୂତନ ହୋଲ୍ଡିଂ ଟିକସ ଧାର୍ଯ୍ୟ କରାଯାଇଥିଲା। ୨୦୨୦ ଏପ୍ରିଲରୁ ଏହାକୁ ଲାଗୁ କରିବା ଲାଗି ବ୍ୟବସ୍ଥା ହୋଇଥିଲା। କରୋନା ସଂକଟବେଳେ ବିଏମ୍‌ସି ସହରବାସୀଙ୍କ ଉପରେ ବର୍ଦ୍ଧିତ ହୋଲ୍ଡିଂ ଟିକସ ବୋଝ ଲଦି ଦେଇଥିଲା। ଫଳରେ ରାଜଧାନୀବାସୀଙ୍କ ମୁଣ୍ଡରେ ଚଡକ ପଡିଥିଲା। ଏହାକୁ ନେଇ ପରବର୍ତ୍ତୀ ସମୟରେ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମାମଲା ହାଇକୋର୍ଟରେ ପହଞ୍ଚିଥିବାବେଳେ ଜନ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ସାଧାରଣ ଜନତା, ବିଭିନ୍ନ ସଙ୍ଗଠନ ଓ ରାଜନୈତିକ ଦଳ ରାଜରାସ୍ତାକୁ ଓହ୍ଲାଇବା ପରେ ସରକାରଙ୍କ ଚେତା ପଶିଥିଲା। ମୁଖ୍ୟମନ୍ତ୍ରୀ ଏନେଇ ହସ୍ତକ୍ଷେପ କରିବା ସହ ବର୍ଦ୍ଧିତ ହୋଲ୍ଡିଂ ଟିକସ ଆଦାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ସୋମବାର ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ଏହା ଲୋକଙ୍କୁ ଆଶ୍ୱସ୍ତି ଦେଇଥିବାବେଳେ ବିଏମ୍‌ସିର ଏପରି ଖାମଖିଆଲ ନୀତି ବିରୋଧରେ ଅସନ୍ତୋଷ ତେଜିବାରେ ଲାଗିଛି।

### ସ୍ୱାଗତଯୋଗ୍ୟ ପଦକ୍ଷେପ



ଲୋକେ କରୋନା ମହାମାରୀରେ ସର୍ବସ୍ୱାନ୍ତ ହୋଇଯାଇଥିଲେ। ଏପରି ସମୟରେ ୧୦ଗୁଣରୁ ଅଧିକ ଟିକସ ଆଦାୟ କରିବାପାଇଁ ବିଏମ୍‌ସି ନିଷ୍ପତ୍ତି ନେଇଥିଲା। ଭୁବନେଶ୍ୱରର ଘର ମାଲିକଙ୍କ ଆର୍ଥିକ କ୍ଷମତାକୁ ବିଚାରକରି ହୋଲ୍ଡିଂ ଟିକସ ବୃଦ୍ଧି କରାଯିବା କଥା। ତାହା ନ କରି ଲୋକଙ୍କ ଉପରେ ଚାପ ପ୍ରୟୋଗ କରିଥିଲା ବିଏମ୍‌ସି। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଓ ନିର୍ଦ୍ଦେଶ ନିଶ୍ଚୟ ସ୍ୱାଗତଯୋଗ୍ୟ।

–ବିବୁଧେନ୍ଦୁ କେଶରୀ ଭୋଳ, ଷ୍ଟ୍ରକଚରାଲ ଇଞ୍ଜିନିୟର

### ମୁଖ୍ୟମନ୍ତ୍ରୀ ହୃଦୟଙ୍ଗମ କଲେ



ବର୍ଦ୍ଧିତ ହୋଲ୍ଡିଂ ଟିକସ ଦର ପୂର୍ବ ଅପେକ୍ଷା ୧୦ଗୁଣା ଅଧିକ ହୋଇଥିଲା। ଏହା ସମସ୍ତଙ୍କୁ ବାଧିଥିଲା। ଏହାକୁ ହୃଦୟଙ୍ଗମ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଏମ୍‌ସିର ମନମୁଖି ନିଷ୍ପତ୍ତିକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

–ଏସ୍. କେ. ନିଜାମୁଦ୍ଦିନ, ପୂର୍ବତନ କର୍ପୋରେଟର

### ନିଆଯାଇଥିବା ଟିକସ ତୁରନ୍ତ ଫେରସ୍ତ କରାଯାଉ



ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସ ରାଜଧାନୀବାସୀଙ୍କୁ ବାଧିଛି। ଏହା ବୋଝ ଉପରେ ନଳିତା ବିଡା ସଦୃଶ। ଯେଉଁ ଘରମାଲିକମାନେ ଏହି ବର୍ଦ୍ଧିତ ଟିକସ ପଇଠ କରିଛନ୍ତି, ସେମାନେ ଏବେ ଦ୍ୱନ୍ଦ୍ୱରେ ପଡିଛନ୍ତି। ତେଣୁ ସେମାନଙ୍କ ଟଙ୍କା ତୁରନ୍ତ ଫେରାଇଦେବା ଉଚିତ।

–ନିରଞ୍ଜନ କାନୁନ୍‌ଗୋ, ଓକିଲ

### ଗୋଲମାଲିଆ ହୋଇଯାଇଛି ବିଏମ୍‌ସି



ବିଏମ୍‌ସିର ହୋଲ୍ଡିଂ ଟିକସରେ ଯେମିତି ବହୁତ ଗୋଲମାଲିଆ ରହିଥିଲା, ସେମିତି ଅଫିସ ଭିତରେ ଗୋଲମାଲିଆ ଥିବା ଭଳି ଲାଗୁଛି। କେତେବେଳେ କେଉଁ ଅଧିକାରୀ କ'ଣ କହୁଛନ୍ତି ଓ କ'ଣ କରୁଛନ୍ତି କିଛି ବୁଝା ପଡୁନି। ସବୁଦିନ ନୂଆ ନୂଆ ନିୟମ ଆଣୁଛନ୍ତି, ପୁଣି ତାକୁ ବଦଳାଉଛନ୍ତି। ଜଣେ ସାଧାରଣ ଲୋକ ସହଜରେ ଏହାର ହିସାବ ପାଇବା କଷ୍ଟକର।

–ପ୍ରଭୁଦତ୍ତ ପଟେଲ, ସାମାଜିକ କର୍ମୀ

### କୋହଳ ବଦଳରେ ଅତ୍ୟାଚାର କରୁଛି ବିଏମ୍‌ସି



କରୋନା ଭଳି ସ୍ଥିତିରେ ସରକାର ଲୋକଙ୍କ ପାଇଁ ସବୁକିଛି କୋହଳ କରିବା କଥା, ମାତ୍ର ଏଠାରେ ଓଲଟା ହେଉଛି। ରାଜ୍ୟ ତଥା ଦେଶର ଅର୍ଥନୀତିକୁ ଦୃଢ଼ କରିବାକୁ ଆମେ ବ୍ୟବସାୟୀମାନେ ଚେଷ୍ଟା ଚଳାଇଥିବାବେଳେ ବିଏମ୍‌ସି ଆମ ଉପରେ ଅତ୍ୟାଚାର କରିବାରେ ଲାଗିଛି। ଏବେ ବର୍ଦ୍ଧିତ ଟିକସ ନିଷ୍ପତ୍ତି ସ୍ଥଗିତ ହେବା ଜାଣିବା ପରେ ଆଶ୍ୱସ୍ତ ଲାଗୁଛି।

–ଅରବିନ୍ଦ ଅଗ୍ରୱାଲ, ବ୍ୟବସାୟୀ

### ବିଏମ୍‌ସି ଲୋକଙ୍କ ସହ ଖେଳ ଖେଳୁଥିବାରୁ ଚାପ ବଢ଼ୁଛି



ପ୍ରଥମେ ବର୍ଦ୍ଧିତ ଟିକସ ଲଗାଇଲେ। ପୁରୁଣା ଟିକସ ନ ଦେଲେ ଘର ସିଲ୍ କରିବାକୁ କହିଲେ। ପରେ କେବଳ ବଡ ବଡ ବ୍ୟବସାୟୀଙ୍କର ଦୋକାନ ସିଲ୍ ହେବ ବୋଲି ସଫେଇ ଦେଲେ। ଏବେ ପୁଣି ନିଜ ନିଷ୍ପତ୍ତି ବଦଳାଇ ହୋଲ୍ଡିଂ ଟିକସକୁ ସ୍ଥଗିତ ରଖିଲେ। ବିଏମ୍‌ସି ସହରବାସୀଙ୍କ ସହ ଖେଳ ଖେଳି ବାରମ୍ବାର ଏଭଳି ନିଷ୍ପତ୍ତି ବଦଳାଉଥିବାରୁ ମାନସିକ ଚାପ ବଢ଼ୁଛି।

–ଅମରେଶ ପାତ୍ର, କର୍ମଜୀବୀ

### ସ୍ଥଗିତ କଥା ଶୁଣି ବହୁତ ଖୁସି ଲାଗୁଛି



ବିଏମ୍‌ସି ଲୋକଙ୍କ ସୁବିଧା ପାଇଁ ନା ସେମାନଙ୍କୁ ଅସହାୟ କରିବା ପାଇଁ ରହିଛି ତାହା ଜଣାପଡୁନି। ଏଣୁଅ ରଙ୍ଗ ବଦଳାଇବା ପରି ବିଏମ୍‌ସିରେ ଅଫିସରମାନେ ନୂଆ ନୂଆ ନିୟମ ଆଣୁଛନ୍ତି। କେତେବେଳେ କ'ଣ କହୁଛନ୍ତି ତାହା ବୁଝିବା କଷ୍ଟକର। ତେବେ ଯାହା ହଉନା କାହିଁକି ବର୍ଦ୍ଧିତ ହୋଲ୍ଡିଂ ଟିକସ ଆଦାୟ ସ୍ଥଗିତ ହେବା ଜାଣିବା ପରେ ବହୁତ ଖୁସି ଲାଗୁଛି।

–ପ୍ରଭାତ ଦାସ, କର୍ମଜୀବୀ

### ସମ୍ପୂର୍ଣ୍ଣ ପ୍ରତ୍ୟାହାର ନ ହେଲେ ପୁଣି ଆନ୍ଦୋଳନ



ବର୍ଦ୍ଧିତ ହୋଲ୍ଡିଂ ଟିକସ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯିବା ଆବଶ୍ୟକ। ଟିକସ ମନଇଚ୍ଛା ନ ବଢ଼ାଇ ଏକ ଆନୁପାତିକ ହିସାବରେ ବଢ଼ାଯିବା ଦରକାର। ଯଦି ଆଗକୁ ପୁନର୍ବାର ଏଭଳି ମନମୁଖି କାର୍ଯ୍ୟ କରାଯାଏ, ତେବେ ପୁଣିଥରେ ଆମେ ଆନ୍ଦୋଳନକୁ ଓହ୍ଲାଇବୁ। ଏଥିସହ ଯେଉଁମାନେ ନୂଆ ଟିକସ ଦେଇ ସାରିଛନ୍ତି, ସେମାନେ ଯେପରି ନ୍ୟାୟ ପାଇବେ ସେଥିପାଇଁ ମଧ୍ୟ ଲଢ଼ିବୁ।

-ଶରତ ରାଉତ, ବରିଷ୍ଠ କଂଗ୍ରେସ ନେତା

### ବିଚାର କରି ଟିକସ ନେଲେ ଠିକ୍ ହେବ



ଭୁବନେଶ୍ୱରରେ ନିମ୍ନ ମଧ୍ୟବିତ୍ତ ଓ ଗରିବ ଲୋକ ବେଶି ରହୁଛନ୍ତି। ସେମାନଙ୍କ ଉପରେ ଅତ୍ୟଧିକ ଟିକସ ଲଗାଇବା ଉଚିତ ନୁହେଁ। ଯେଉଁମାନଙ୍କର ବ୍ୟବସାୟ ରହିଛି ବା କମ୍ ହୋଲ୍ଡିଂ ଟିକସ ଦେଉଛନ୍ତି, ସେମାନଙ୍କଠାରୁ ବିଚାର କରି ଟିକସ ନେଲେ ଠିକ୍ ହେବ। ପ୍ରଶାସନ କ୍ରିୟାଶୀଳ ହୋଇ କାର୍ଯ୍ୟକଲେ ପ୍ରତିଟି ସମସ୍ୟା ପାଇଁ ଆମେ ହାଇକୋର୍ଟ ଯିବା ଆବଶ୍ୟକ ନାହିଁ।

-ସୁଦୀପ୍ତ ରାୟ, ଭାଜପା ରାଜ୍ୟ ମୁଖପାତ୍ର

### କ୍ଷଣିକ ଆଶ୍ୱସ୍ତି, ହେଲେ...



ବିଏମ୍‌ସିର ବର୍ଦ୍ଧିତ ହୋଲ୍ଡିଂ ଟାକ୍ସ ଆଦାୟ ସମ୍ପୂର୍ଣ୍ଣ ବେନିୟମ। ଏହା ଜିଜିଆ କର ସଦୃଶ। ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବାପରେ ମୁଖ୍ୟମନ୍ତ୍ରୀ ତର୍ଜମା କରିଛନ୍ତି। ବାସ୍ତବତା ଅନୁଭବ କରିବାପରେ ଏହାକୁ ସ୍ଥଗିତ ନିର୍ଦ୍ଦେଶ ଦେଇଛନ୍ତି। ଏହା କ୍ଷଣିକ ଆଶ୍ୱସ୍ତି ଦେଇପାରେ। କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ନ ଆସିବା ପୂର୍ବରୁ ତରବରିଆଭାବେ ଲୋକଙ୍କୁ ଚାପଗ୍ରସ୍ତ କରାଯାଉଛି କାହିଁକି? ମୁଖ୍ୟମନ୍ତ୍ରୀ ଏହି ବେନିୟମ କାର୍ଯ୍ୟକୁ ପ୍ରୋତ୍ସାହିତ କରୁଥିବା ଅଧିକାରୀଙ୍କୁ ତାଗିଦ୍ କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

-ଜଗନ୍ନାଥ ପ୍ରଧାନ, ଭାଜପା ନେତା

# କାଜୁ ଜଙ୍ଗଲରେ ନିଆଁ, ୧୫ଏକର ନଷ୍ଟ

ପିପିଲି,୧୫।୩(ଡି.ଏନ୍.ଏ./ସ୍ୱ.ପ୍ର.)

ପିପିଲି ନିକଟସ୍ଥ କଷ୍ଟି ପଞ୍ଚାୟତର ନିଜିଗଡ଼କୋରୁଖି କାଜୁଜଙ୍ଗଲରେ ରବିବାର ରାତିରେ ନିଆଁ ଲାଗିଛି। ଖବରପାଇ ଦମକଳବାହିନୀ କର୍ମଚାରୀମାନେ ପହଞ୍ଚି ନିଆଁକୁ ରାତି ସୁଦ୍ଧା ଲିଭାଇଥିଲେ। ହେଲେ ସୋମବାର ସକାଳେ କେତେଜଣ ଚାଷୀ ସେହି ଜଙ୍ଗଲ ରାସ୍ତା ଦେଇଯାଉଥିବେଳେ ଆଉ କିଛି ଜାଗାରେ ନିଆଁ ଲାଗିରହିଥିବାର ଦେଖିଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଆସି ଉକ୍ତ ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପଟେ ଏହି କାଜୁ ଜଙ୍ଗଲରେ ନିର୍ଭର କରି ପରିବାର ଚଳୁଥିବା ପ୍ରାୟ ୩୦ ପରିବାର ଚିନ୍ତାରେ ଥିବାବେଳେ ସହାୟତା ପାଇଁ ଦାବି କରିଛନ୍ତି। ଖବରପାଇ ସରପଞ୍ଚ ପ୍ରକାଶ ଧଳ ସ୍ଥିତି ଦେଖିଥିବାବେଳେ ୬୦ଏକରର ଏହି ଜଙ୍ଗଲରୁ ପ୍ରାୟ ୧୫ଏକର ନଷ୍ଟ ହୋଇଯାଇଥିବା କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ୩୦ପରିବାରକୁ ଏହି ଜଙ୍ଗଲ ଲିଜ୍ ଦିଆଯାଇଥିଲା। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇଥିବା ସନ୍ଦେହ କରି ପିପିଲି ଥାନାରେ ଅଭିଯୋଗ କରାଯିବା ସହ ତହସିଲଦାରଙ୍କୁ ଏ ବାବଦରେ ଅବଗତ କରାଯାଇଛି।


ଅଗ୍ନିଶମ ବାହିନୀ ପାଣି ପକାଇ ନିଆଁ ଲିଭାଉଛନ୍ତି।

# ଓଡ଼ିଶାରେ ମିଳିବ ରୋରୋ ଭେସଲ୍ ସେବା



ବୁଝାମଣା ପତ୍ର ସ୍ୱାକ୍ଷର ସମୟରେ ଉପସ୍ଥିତ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଅଧିକାରୀମାନେ।

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

**ଆଇଡବ୍ଲ୍ୟୁଏଆଇ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ**

ଓଡ଼ିଶାରେ ମିଳିବ ରୋରୋ ଭେସେଲ୍ ସେବା। ପୁରୀ ଜିଲା ବ୍ରହ୍ମଗିରି ବ୍ଲକ୍‌ର ସାତପଡ଼ାଠାରୁ କୃଷ୍ଣପ୍ରସାଦ ବ୍ଲକ୍‌ର ଜହ୍ନିକୁଦା ମଧ୍ୟରେ ଯାତ୍ରୀ ପରିବହନ ପାଇଁ ରୋରୋ ଭେସେଲ୍ 'ଏମ୍‌ଭି ଭୂପେନ୍ ହଜାରିକା' ଚଳାଚଳ କରିବ। ଏହାର ପରିଚାଳନା ଓ ମରାମତି ନିମନ୍ତେ ସୋମବାର ଭାରତ ସରକାରଙ୍କ ଆନ୍ତଃରାଜ୍ୟ ଜଳପଥ କର୍ତ୍ତୃପକ୍ଷ (ଆଇଡବ୍ଲ୍ୟୁଏଆଇ) ଏବଂ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବାଣିଜ୍ୟ ଓ ପରିବହନ, ଯୋଜନା ଓ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପୁରୀ ଜିଲାର ସାତପଡ଼ାଠାରୁ କୃଷ୍ଣପ୍ରସାଦ ବ୍ଲକ୍‌ର ଜହ୍ନିକୁଦାକୁ ଭେସେଲ୍ ସାହାଯ୍ୟରେ ଯାତ୍ରୀ ଓ ମୋଟରଯାନ ପରିବହନ ସେବା ଯୋଗାଇ ଦିଆଯାଉଛି। ଏହି ସେବା ଦ୍ୱାରା ଗଞ୍ଜାମରୁ ପୁରୀ ଜିଲା ପାଇଁ ସଡ଼କ ପଥରେ ପଡୁଥିବା ସୁଦୀର୍ଘ ଦୂରତାକୁ କମ୍ କରାଯାଇପାରୁଛି। ଏହି ସେବାର ବହୁଳ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସାତପଡ଼ାରୁ ଜହ୍ନିକୁଦାକୁ ରୋରୋ ଭେସେଲ୍-ଏମ୍‌ଭି ଭୂପେନ ହଜାରିକା ଚଳାଚଳ କରିବ। ରୋରୋ ଭେସେଲ୍ ଏମ୍‌ଭି ଭୂପେନ୍ ହଜାରିକାରେ ଏକ ସମୟରେ ୮ଟି ଟ୍ରକ/ବସ୍ ସହ ୧୦୦ଜଣ ଯାତ୍ରୀ ପରିବହନ ହୋଇପାରିବ। ଏହାଦ୍ୱାରା ଏହି ଜିଲାଗୁଡ଼ିକର ଜନସାଧାରଣ ବହୁ ଭାବରେ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଇନ୍‌ଲାଣ୍ଡ ୱାଟରୱେଜ୍ ଅଥରିଟି ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଅମିତା ପ୍ରସାଦ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଅତିରିକ୍ତ ଶାସନ ସଚିବ, ବାଣିଜ୍ୟ ଓ ପରିବହନ ବିଭାଗ ଲକ୍ଷ୍ମୀକାନ୍ତ ବେହେରା, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ପରିବେଶ ନିର୍ଦ୍ଦେଶକ ସନ୍ତୋଷ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷୀରୋଦ ସାହୁଙ୍କୁ ଶମ୍ଭାବୀ ପୁରସ୍କାର

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

**ନିବେଦିତା ଲେଙ୍କାଙ୍କୁ 'ଜୁରୀ କମେଣ୍ଡେଶନ ସାର୍ଟିଫିକେଟ୍'**

ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ସୋମବାର ୮ମ ଶମ୍ଭାବୀ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ସଚେତନତା ସୃଷ୍ଟି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଗୋଳ ଜିଲାର କ୍ଷୀରୋଦ ସାହୁଙ୍କୁ 'ଶମ୍ଭାବୀ ପୁରସ୍କାର' ମିଳିଛି। ପୁରସ୍କାର ବାବଦରେ ତାଙ୍କୁ ଅଢ଼େଇ ଲକ୍ଷ ଟଙ୍କା ସହ ମାନପତ୍ର ପ୍ରଦାନ କରାଯାଇଛି। ସେହିପରି ଯଶୋଦା ମା' ଭାବେ ଜଣାଶୁଣା ନିବେଦିତା ଲେଙ୍କାଙ୍କୁ 'ଜୁରୀ କମେଣ୍ଡେଶନ ସାର୍ଟିଫିକେଟ୍' ମିଳିଛି। ଭୁବନେଶ୍ୱରରେ ଅସହାୟ ଲୋକଙ୍କ ପାଇଁ ନିଃସ୍ୱାର୍ଥପର ସେବା ଲାଗି ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦରେ ତାଙ୍କୁ ୫୦ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଫାଉଣ୍ଡେଶନର ଟ୍ରଷ୍ଟି ପରମିତା ପଣ୍ଡା, ଅରବିନ୍ଦ ବେହେରା, ନାଇଜର ନିର୍ଦ୍ଦେଶକ ସୁଧାକର ପଣ୍ଡା, ଫାଉଣ୍ଡେଶନ ସିଇଓ ଶୈଫାଳିକା ପଣ୍ଡା ଉପସ୍ଥିତ ଥିଲେ।


ଅତିଥିଙ୍କ ଗହଣରେ ପୁରସ୍କୃତ କ୍ଷୀରୋଦ ସାହୁ ଓ ନିବେଦିତା ଲେଙ୍କା।

# ୨୫ରୁ ଊର୍ଦ୍ଧ୍ୱ ଉଠାଜଳସେଚନ ପ୍ରକଳ୍ପ ଅଚଳ

**ଚିନ୍ତାରେ ୩ ପଞ୍ଚାୟତର ଚାଷୀ**
- ଜଳାଭାବରୁ ଚାଷ ହୋଇପାରୁନି
- ତୁରନ୍ତ ପ୍ରକଳ୍ପ ମରାମତି ଦାବି

**କୋଣାର୍କ,୧୫।୩(ଡି.ଏନ୍.ଏ):** କୋଣାର୍କ ଥାନା ଅଧୀନ ତଥା କାକଟପୁର ବ୍ଲକ ଅନ୍ତର୍ଗତ ୮ନମ୍ବର ଜିଲାପରିଷଦ ଜୋନ୍‌ର କାଦୁଆ ନୂଆଗାଁ, ଅବଦାନ, କୁରୁଜଙ୍ଗ ଗ୍ରାମପଞ୍ଚାୟତରେ ୨୫ରୁ ଊର୍ଦ୍ଧ୍ୱ ଉଠାଜଳସେଚନ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଫଳରେ ଉକ୍ତ ୩ ପଞ୍ଚାୟତର ଶତାଧିକ ଚାଷୀ ନିଜ ଜମିକୁ ପାଣି ପାଇପାରୁନାହାନ୍ତି। ସେମାନଙ୍କ ମଧ୍ୟରେ ନୈରାଶ୍ୟର ବାତାବରଣ ସୃଷ୍ଟି ହୋଇଛି। ତୁରନ୍ତ ଉଠାଜଳସେଚନ ପ୍ରକଳ୍ପଗୁଡ଼ିକୁ ମରାମତି କରାଯିବାକୁ ଚାଷୀମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି କାଦୁଆ ନୂଆଗାଁ, ଅବଦାନ, କୁରୁଜଙ୍ଗ ପଞ୍ଚାୟତରେ ୨୫ରୁ ଊର୍ଦ୍ଧ୍ୱ ଉଠାଜଳସେଚନ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଚାଷୀମାନେ ବାରମ୍ବାର ଅଭିଯୋଗ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଥିଯୋଗୁ ଉକ୍ତ ୩ ପଞ୍ଚାୟତର ଶତାଧିକ ଚାଷୀ ରବି ଓ ଖରିଫ ଚାଷ ନେଇ ଚିନ୍ତାରେ ପଡ଼ିଛନ୍ତି। ଧାନଚାଷ ପାଇଁ ବିଭିନ୍ନ ଘରୋଇ ବ୍ୟାଙ୍କରୁ ଋଣ ଆଣିଥିବା ଚାଷୀମାନେ ଫସଲ ହାନି କ୍ଷତିର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ସେମାନଙ୍କୁ ଋଣ ପରିଶୋଧ କରିବା ଚିନ୍ତା ଘାରିଛି। ଚାଷୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଅଚଳ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ଲାଗି ପୁରୀ ଜିଲାପାଳ, ବିଭାଗୀୟ ସଚିବ ଏବଂ ମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବାକୁ କାଦୁଆ ନୂଆଗାଁ ବିକାଶ ପରିଷଦର ସଭାପତି ଭାଗୀରଥି ସ୍ୱାଇଁ, ପୂର୍ବତନ ସରପଞ୍ଚ ଭୀମସେନ ସେଠୀ, ଆଇନଜୀବୀ ହରେକୃଷ୍ଣ ସ୍ୱାଇଁ, ମହେଶ୍ୱର ସାମଲ, ଶଙ୍କର ମଲ୍ଲିକଙ୍କ ସମେତ ଶତାଧିକ ଚାଷୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ସହକାରୀ ଯନ୍ତ୍ରୀ ନିରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ କହିଛନ୍ତି, ଖୁବ୍‌ଶୀଘ୍ର ଘଟଣାସ୍ଥଳ ପରିଦର୍ଶନ କରି ଅଚଳ ଉଠାଜଳସେଚନ ପ୍ରକଳ୍ପଗୁଡ଼ିକର କ୍ଷୟକ୍ଷତି ଆକଳନ କରାଯିବ। ଏହାପରେ ସେଗୁଡ଼ିକୁ ସଚଳ କରାଯିବାକୁ ପଦକ୍ଷେପ ନିଆଯିବ।

## ଡିମିରିସେଣା ଗୋଟିପୁଅ ନୃତ୍ୟର ପର୍ଯ୍ୟଟନସ୍ଥଳୀ ହେବ


କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

**ବ୍ରହ୍ମଗିରି,୧୫।୩(ଡି.ଏନ୍.ଏ.)** ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଡିମିରିସେଣା ଗ୍ରାମରେ ସୋମବାର ଡିମିରିସେଣା ନୃତ୍ୟ ସଙ୍ଗୀତ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଭାରତ ସଂସ୍କୃତି ବିଭାଗ ସହାୟତାରେ ଚନ୍ଦ୍ରଶେଖର ଗୋଟିପୁଅ କଳା ପରିଷଦ ତରଫରୁ ଅନୁଷ୍ଠିତ ଏହି ମହୋତ୍ସବକୁ ମୁଖ୍ୟଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଉଦ୍‌ଘାଟନ କରି ଡିମିରିସେଣାର ଗୋଟିପୁଅ ନୃତ୍ୟ ଆଜି ବେଶ୍ ପରିଚିତ ବୋଲି କହିଥିଲେ। ଡିମିରିସେଣା ହେଉଛି ଗୋଟିପୁଅ ନୃତ୍ୟର ଅନ୍ତୁଡ଼ିଶାଳ । ଏ ଅଞ୍ଚଳର ଅନୁରୋଧକୁ ଗ୍ରହଣ କରି ଏ ଗାଁକୁ ଏକ ପର୍ଯ୍ୟଟନ ଭାବେ ପରିଣତ କରିବୁ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟ ଅତିଥିଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ କହିଥିଲେ ଡିମିରିସେଣାର ଗୋଟିପୁଅ ନୃତ୍ୟ ଆଜି ବିଶ୍ୱ ଦରବାରରେ ବେଶ୍ ପରିଚିତ। ପରେ ଚନ୍ଦ୍ରଶେଖର ଗୋଟିପୁଅ କଳାପରିଷଦର କଳାକାରମାନେ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନୋରଞ୍ଜନର ବେଶ ଖୋରାକ ଯୋଗାଇଥିଲେ।

## ପିପିଲି ତହସିଲ କାର୍ଯ୍ୟାଳୟ ଘେରାଉ

**ପିପିଲି, ୧୫।୩(ସ୍ୱ.ପ୍ର.):** ଫଣୀ କ୍ଷତିଗ୍ରସ୍ତଙ୍କ ସହାୟତା ରାଶି ଅଟକ ରଖାଯିବା ସହ ସେମାନଙ୍କ ବ୍ୟାଙ୍କଖାତା ଅଚଳ କରାଯାଇଥିବା ଦଳିତ ଆଦିବାସୀ ମାଇନୋରିଟି ମହାସଂଘ ଅଭିଯୋଗ ଆଣିଛି। ଏ ନେଇ ମହାସଂଘର ରାଜ୍ୟ ସଭାପତି ବିଜୟ କୁମାର ସେଠୀଙ୍କ ନେତୃତ୍ୱରେ ସୋମବାର ପିପିଲି ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଛି। ସ୍ଥାନୀୟ ପେଟ୍ରୋଲପମ୍ପଠାରୁ ଶତାଧିକ ମହିଳା ଓ ପୁରୁଷ ପଦଯାତ୍ରାରେ ବାହାରି ଦାବି ସମ୍ବଳିତ ପ୍ଲାକାର୍ଡ ଧରି ଓ ସ୍ଲୋଗାନ ଦେଇ ପିପିଲି ବଜାର ପରିକ୍ରମା କରିଥିଲେ। ତହସିଲ ଅଫିସ ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ। ମହାସଂଘ ରାଜ୍ୟ ସଭାପତି ବିଜୟ କୁମାର ସେଠୀ, ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ସୋନିଲତା ସେଠୀ, ନାରୀନେତ୍ରୀ ଲକ୍ଷ୍ମୀପ୍ରିୟା ବେହେରା, ରିପବ୍ଲିକ ପାର୍ଟିର ରାଜ୍ୟ ସଭାପତି ଅବଦୁଲ ଅଲ୍ଲୀ ପ୍ରମୁଖ ପ୍ରଶାସନର ଦୁର୍ନୀତି ବିରୋଧରେ ଗର୍ଜିଥିଲେ। ଏ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପିପିଲି ଥାନା ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟିଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଏଭଳି ଅଭିଯୋଗ ସଂକ୍ରାନ୍ତରେ ତହସିଲଦାର ସପନ କୁମାର ନନ୍ଦଙ୍କୁ ପଚାରିବାରେ ସେ କିଛି ଭୁଲ୍ କିମ୍ବା ଦୁର୍ନୀତି କରିନାହାନ୍ତି ବୋଲି କହିଛନ୍ତି।

## ବିଜେଡିର ମିଶ୍ରଣ ପର୍ବ

**ପୁରୀ ଅଫିସ,୧୫।୩:** ବ୍ରହ୍ମଗିରି ଭୁବନପୁର ପଞ୍ଚାୟତ ବାଲିସାହି ଗ୍ରାମର ବାସିନ୍ଦା ସୋମବାର ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ପୁରୀ ସହରରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କ ଉପସ୍ଥିତିରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବାଲିସାହି ଗ୍ରାମ ସଭାପତି ପଦ୍ମଚରଣ ଜେନା, ସଂଗ୍ରାମ କେଶରୀ ପ୍ରଧାନ ଓ ମନୋରଞ୍ଜନ ସାମନ୍ତରାୟ ପ୍ରମୁଖ ବିଜେଡିରେ ମିଶିଥିଲେ। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ସଭାପତି ବିଦ୍ୟାଧର ସ୍ୱାଇଁ ଓ ଜିଲା ପରିଷଦ ସଦସ୍ୟ କୈଳାସ ଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ତଦନ୍ତରେ ଯାଇଥିବା ବିଡିଓଙ୍କୁ ଘେରିଲେ ଗ୍ରାମବାସୀ

**କଣାସ,୧୫।୩(ସ୍ୱ.ପ୍ର.)** କରୋନା ସମୟରେ ୮ ମାସ ଧରି କେନ୍ଦ୍ର ସରକାର ଯୋଗାଇଥିବା ମାଗଣା ଚାଉଳ, ଡାଲି, କିରୋସିନ ବଣ୍ଟନ ବେଳେ କଣାସ ବ୍ଲକ ଅଞ୍ଚଳରେ ଦୁର୍ନୀତି ହୋଇଥିବା ନେଇ ଭାଜପା ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରିବା ପାଇଁ ସୋମବାର ବିଡିଓ ଲୋଚନ ଦାସ ଏହି ବ୍ଲକର ଏକ ଗ୍ରାମକୁ ଯାଇଥିବାବେଳେ ଗ୍ରାମବାସୀ ତାଙ୍କୁ ଘେରିଯାଇ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଫଳରେ ବିଡିଓ ଅଧା ତଦନ୍ତ କରି ସେଠାରୁ ଫେରିଆସିଥିଲେ। ସୂଚନାଯୋଗ୍ୟ, କଣାସ ବ୍ଲକର ଅନେକ ପଞ୍ଚାୟତରେ ମାଗଣା ଚାଉଳ ବଣ୍ଟନରେ ଦୁର୍ନୀତି ହୋଇଥିବା ନେଇ ଗତ ୧୦ତାରିଖରେ ଭାଜପା ପକ୍ଷରୁ ଅଭିଯୋଗ ଆଣି ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ବିଡିଓ ଦାସ ୭ଦିନ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ସୋମବାର ବିଡିଓ, ବ୍ଲକ ଯୋଗାଣ ଅଧିକାରୀ ଅକ୍ଷୟ ସେଠୀ, ଅତିରିକ୍ତ ତହସିଲଦାର ଅନିଲ୍ କୁମାର ଆଚାର୍ଯ୍ୟ ଓ ଗଡିଶାଗୋଦା ଥାନା ଆଇଆଇସି ଦେବାଶିଷ ମିଶ୍ର ଜାଗୁଲେପଦର ଗ୍ରାମକୁ ଯାଇଥିଲେ। ସେଠାରେ ୨/୩ଟି ପରିବାରକୁ ଚାଉଳ, ଡାଲି ଓ କିରୋସିନ ପାଇଛନ୍ତି କି ନାହିଁ ପଚାରି ବୁଝିବା ସହିତ ଖାଉଟିକାର୍ଡ କଥା ପଚାରିଥିଲେ। ଏହି ସମୟରେ ଗ୍ରାମର ଶତାଧିକ ଲୋକ ଅଚାନକ ବିଡିଓଙ୍କୁ ଘେରି ଯାଇ ଆମେ ନିମିତ ଖାଉଟି ସାମଗ୍ରୀ ପାଇନାହୁଁ, ମାଗଣା ସାମଗ୍ରୀ ମିଳିନାହିଁ ବୋଲି କହିଥିଲେ। ହୋହଲ୍ଲା କରିବା ପରେ ବିଡିଓ ଏବଂ ଅଧିକାରୀମାନେ ଘଟଣାସ୍ଥଳରୁ ଫେରିଆସିଥିଲେ। ଏ ସମ୍ପର୍କରେ ବିଡିଓ ଦାସ କହିଛନ୍ତି, ଅଭିଯୋଗକୁ ଭିତ୍ତି କରି ତଦନ୍ତ ପାଇଁ କଣାସର କେତେକ ଗ୍ରାମକୁ ଯାଇଥିବାବେଳେ ଜାଗୁଲେପଦର ଗ୍ରାମବାସୀ ଖାଉଟି କାର୍ଡ ପାଇ ନ ଥିବା କହି ଘେରି ଆସିଥିଲେ। କାର୍ଯ୍ୟ ହୋଇ ନ ପାରିବାରୁ ଫେରିଆସିଥିଲୁ, ଲୋକମାନଙ୍କ ସହଯୋଗ ରହିଲେ ତଦନ୍ତ ଠିକ ଭାବେ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ।

## ସଂକ୍ଷେପରେ

### ତହସିଲ ଅଫିସ୍ ଆଗରେ ଧାରଣା

କଣାସ,୧୫।୩(ସ୍ୱ.ପ୍ର.)- କଣାସ ବ୍ଲକ ଅଞ୍ଚଳରେ ବିଭିନ୍ନ ସମସ୍ୟାର ସମାଧାନ କରିବା ଦାବିରେ ନୀଳାଚଳ କୃଷକ ମହାସଂଘ ଏବଂ ଜିଲାସ୍ତରୀୟ ପଞ୍ଜିକୃତ କୃଷକ ସଂଗଠନ ପକ୍ଷରୁ ସୋମବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଫଣୀକୁ ୨ ବର୍ଷ ବିତିଯାଇଥିଲେ ମଧ୍ୟ କଣାସ ଅଞ୍ଚଳର କ୍ଷତିଗ୍ରସ୍ତଙ୍କୁ ବର୍ତ୍ତମାନ ସୁଦ୍ଧା କ୍ଷତିଗ୍ରସ୍ତ ଅର୍ଥ ନ ମିଳିବା, ବାସଗୃହ ହରାଇଥିବା ଲୋକଙ୍କୁ ଥଇଥାନ କରାଯାଇ ନ ଥିବା ନେଇ ଅଭିଯୋଗ ହୋଇଛି। ସେହିଭଳି ପୁରୀ ଜିଲା କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସରକାରୀ ଧ୍ୟାନ ଦେଉ ନ ଥିବା ଦାବିକରି ଶତାଧିକ କୃଷକ ଧାରଣାରେ ଭାଗ ନେଇଥିଲେ। ନୀଳାଚଳ ସଂଘ ଓ ଜିଲାସ୍ତରୀୟ କୃଷକ ସଂଗଠନ କୃଷି ଓ କୃଷକର ବିକାଶ ନିମନ୍ତେ ୧୯୮୫ରୁ ଅହରହ ଉଦ୍ୟମ କରିଆସୁଛି। ପୁରୀ ଜିଲାରେ ୮୦ଭାଗରୁ ଊର୍ଦ୍ଧ୍ୱ ପରିବାର ଚାଷ ଉପରେ ନିର୍ଭର କରିଚଳନ୍ତି। ଜିଲା ପ୍ରଶାସନ ବିଶେଷ ଧ୍ୟାନ ଦେଉ ନ ଥିବାରୁ ଚାଷୀ ଅନେକ କ୍ଷତି ସହୁଛି। ତେଣୁ ତୁରନ୍ତ ଫଣୀ କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବା ସହ ଧାନମଣ୍ଡିରେ ସୁବ୍ୟବସ୍ଥା କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

### କମ୍ୟୁନିଟି ହଲ୍ ନିର୍ମାଣକୁ ନେଇ ଉତ୍ତେଜନା

କଣାସ ୧୫।୩ (ସ୍ୱ.ପ୍ର) କଣାସ ବ୍ଲକ ଅନ୍ତର୍ଗତ କଣାସ ଗ୍ରାମପଞ୍ଚାୟତର ସହନା ଗ୍ରାମରେ ଆମ ଗାଁ ଆମ ବିକାଶ ଯୋଜନାରେ ଏକ କମ୍ୟୁନିଟି ହଲ୍ ନିର୍ମାଣ କରିବାକୁ ନେଇ ସୋମବାର ସରପଞ୍ଚଙ୍କ ସ୍ୱାମୀ ଓ କେତେଜଣ ସମର୍ଥକ ବିଡିଓଙ୍କ କାର୍ଯ୍ୟାଳୟରେ ଆଲୋଚନା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ଅନୁଯାୟୀ, ସହନା ଗ୍ରାମରେ ଏହି ଯୋଜନାରେ ମହିଳାଙ୍କ ପାଇଁ ୧୦ଲକ୍ଷ ଟଙ୍କା ବ୍ୟୟରେ ଏକ କମ୍ୟୁନିଟି ହଲ ହେବ। ଏହାର ନିର୍ମାଣ କାର୍ଯ୍ୟ ଦାୟିତ୍ୱ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଦିଆଯାଇଥିଲା। ହେଲେ ସମ୍ପୃକ୍ତ ଯନ୍ତ୍ରୀ ସରପଞ୍ଚଙ୍କୁ ନ ଜଣାଇ ସୋମବାର କମ୍ୟୁନିଟି ହଲ୍ ନିର୍ମାଣ ଲାଗି ସ୍ଥାନ ମାପଚୁପ କରିଥିଲେ। ଏହି ସମୟରେ ସରପଞ୍ଚଙ୍କ ସ୍ୱାମୀ ଓ ସମର୍ଥକମାନେ ପହଞ୍ଚି ଏହାକୁ ବିରୋଧ କରିବାରୁ ଯନ୍ତ୍ରୀ ଫେରି ଆସିଥିଲେ। ଏ ନେଇ ସରପଞ୍ଚଙ୍କ ସ୍ୱାମୀ ଓ ସମର୍ଥକମାନେ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇ ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ସରପଞ୍ଚଙ୍କୁ ପଚରାଯିବାର ନିୟମ ଥିବାବେଳେ କାହିଁକି ଜଣାଗଲା ନାହିଁ ବୋଲି କହିବାରୁ ସେଠାରେ ପରିସ୍ଥିତି ଉତ୍ତେଜନା ହୋଇଥିଲା। ଖବରପାଇ ତହସିଲଦାର ଲକ୍ଷ୍ମୀଧର ମହାରଣା, ଅତିରିକ୍ତ ତହସିଲଦାର ସହଦେବ ସାହୁ, କଣାସ ଥାନା ଆଇଆଇସି ତପନ ରାଉତ ଓ ସହକାରୀ ଯନ୍ତ୍ରୀ ସମସ୍ତେ ବିଡିଓଙ୍କ ନିକଟରେ ପହଞ୍ଚି ଦୀର୍ଘ ସମୟ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ବ୍ଲକସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ

କାକଟପୁର,୧୫।୩(ଡି.ଏନ୍.ଏ.)- ବାଙ୍ଗୁରୀ ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବ୍ଲକସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଆଶିଷ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବ୍ଲକ ଅଧକ୍ଷା ମନୋରମା ସ୍ୱାଇଁ, ବିଡିଓ ସୁଧୀର ନାୟକ, ବ୍ଲକ ଶିକ୍ଷାଧିକାରୀ କଳ୍ପନା ହାଁସଦା, ଆଶା କୋଅଡିନେଟର ଅଶୋକ ସାହୁ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଅମିତ ଉପାଧ୍ୟାୟ, ପ୍ରମୁଖ ଗୋଷ୍ଠୀ ସହାୟତାରେ ସ୍ୱାସ୍ଥ୍ୟ ସେବା ଉପରେ ଆଲୋକପାତ କରିଥିଲେ। କୋଭିଡ୍ ସମୟରେ ଉତ୍କର୍ଷତା ପ୍ରତିପାଦିତ କରିଥିବା ବଲରା ଗାଁ କଲ୍ୟାଣ ସମିତିକୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ୧୭ଟି ଗାଁ କଲ୍ୟାଣ ସମିତିକୁ ମାନପତ୍ର , ଆଶା କର୍ମୀ ନମିତା ମଲ୍ଲିକଙ୍କୁ ଉନ୍ନତ ସେବା ପାଇଁ ପ୍ରଥମ ପୁରସ୍କାର ୨୫୦୦, ଟଙ୍କା, ମମତା ଖିଟୋଇଙ୍କୁ ୧୫୦୦, ୨ୟ ପୁରସ୍କାର, ମିନରା ବିବିଙ୍କୁ୧୦୦୦, ୩ୟ ପୁରସ୍କାର ଦିଆଯାଇଥିବା ବେଳେ ଅନ୍ୟ ୧୮ ଆଶାକର୍ମୀଙ୍କୁ ମାନପତ୍ର ଦିଆଯାଇଛି। ସେହିପରି କୋଭିଡ ଯୋଦ୍ଧା ଭାବେ ଆୟୁଷ ଡାକ୍ତର ସୋମ୍ୟକାନ୍ତ ପଣ୍ଡା, ଡ. ସୁଭେନ୍ଦୁ ଶେଖର ସେନାପତି, ଡ. କମଳେଶ ଛାଟୋଇ, ଡ. ରାଜେନ୍ଦ୍ର ପ୍ରସାଦ ଦାସ, ମନୋଜ ସ୍ୱାଇଁ, ଓ ଦୁଃଶାସନ ଗୋଚ୍ଛାୟତଙ୍କୁ ଉତ୍ସାହିତ ପଦକ ସହ ମାନପତ୍ର ପ୍ରଦାନ କରାଯାଇଥିଲା।

### ୧୫୬ ବରିଷ୍ଠ ନାଗରିକ ନେଲେ କରୋନା ଟିକା

କୋଣାର୍କ,୧୫।୩ (ଡି.ଏନ୍.ଏ.)- କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାରଠାରୁ ଦ୍ୱିତୀୟ ପର୍ଯ୍ୟାୟ କରୋନା ଟିକାକରଣ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୫୬ଜଣ ବରିଷ୍ଠ ନାଗରିକଙ୍କୁ ଟିକା ଦିଆଯାଇଥିବା ଆୟୁଷ ଡା. ବିଧୁଭୂଷଣ ନାୟକ ସୂଚନା ଦେଇଛନ୍ତି। ସିମିଳି ପଞ୍ଚାୟତ ଓ କୋଣାର୍କ ସେକ୍ଟରର ବରିଷ୍ଠ ନାଗରିକମାନେ ଟିକା ନେଇଥିଲେ। ପ୍ରତିଦିନ ବରିଷ୍ଠ ନାଗରିକ ଟିକା ନେଇପାରିବେ ବୋଲି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଶିବପ୍ରସାଦ ମଙ୍ଗରାଜ କହିଛନ୍ତି।

## ପୁରସ୍କାର ବିତରଣ ଉତ୍ସବ

**ପିପିଲି,୧୫।୩(ସ୍ୱ.ପ୍ର.)** ପିପିଲି ନିକଟସ୍ଥ ଆରୁହା ଗ୍ରାମରେ ଥିବା ବାବା ଭୋଳାନାଥ କ୍ଲବ ଆଣ୍ଡ ଲାଇବ୍ରେରିର ୨୩ତମ ବାର୍ଷିକ ଉତ୍ସବ ଉପଲକ୍ଷେ ପୁରସ୍କାର ବିତରଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ୨ଦିନ ବ୍ୟାପୀ ପାଳିତ ହୋଇଯାଇଛି। କ୍ଲବର ସଭାପତି ଅଭିମନ୍ୟୁ ସ୍ୱାଇଁ ଓ ସମ୍ପାଦକ ଅଜିତ୍ ମହାପାତ୍ର ଅଧ୍ୟକ୍ଷତାରେ ଅତିଥି ଭାବେ ଆଇନଜୀବୀ ସୁରେଶ ରଥ ଯୋଗଦେଇଥିଲେ। ସମାରୋହରେ ଗ୍ରାମର ଶତାବ୍ଦୀ ପୁରୁଷ ବୁଲା ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ଅରୁହା ସ୍କୁଲର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କ୍ଲବ ପକ୍ଷରୁ ଆଗରୁ ପ୍ରତିଯୋଗିତା ହୋଇଥିବା କ୍ରିକେଟ ଟୁର୍ନାମେଣ୍ଟରେ ରିଭେ ରିୟର ଚାମ୍ପିୟନ ହୋଇଥିବାବେଳେ ସଚିନ୍ ପାଇଲଟ୍ (କ୍ୟାପ୍‌ଟେନ୍)ଟିମ ରନର୍ସ ହୋଇଥିଲେ। ଉତ୍ସବରେ ଉଭୟ ଦଳର କ୍ୟାପ୍‌ଟେନ୍ ଦୀପ୍ତିରଞ୍ଜନ ଦାସ ଓ ବିନୋଦ ଦାସଙ୍କୁ ୩୦ହଜାର ଓ ୨୦ହଜାର ଟଙ୍କା ପୁରସ୍କାର ରାଶି ସହ କପ୍ ଦିଆଯାଇଥିଲା। ଏହାସହିତ ଆଉ ୨ଟି ଟିମ୍‌ଙ୍କୁ ମଧ୍ୟ ୧୦ହଜାର ଓ ୫ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଉତ୍ସବର ପ୍ରଥମ ରାତ୍ରିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖଦି ଉଦ୍ୟୋଗର ଚେୟାରମ୍ୟାନ୍ ସଂଗ୍ରାମ୍ କେଶରୀ ପାଇକ୍‌ରାୟ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପୁରୀ ଜିଲା ସାଧାରଣ ସମ୍ପାଦକ କିଶୋର ଛୋଟରାୟ ଓ ସମ୍ମାନିତ ଅତିଥି ପିପିଲି ବ୍ଲକ୍‌ର ବିଜେଡି ଯୁବ ସଭାପତି ମନୋଜ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶେଷ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୁରସ୍କାର ବିତରଣ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା।



ଚାମ୍ପିୟନ ଦଳକୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

## ଜଗତ୍‌ଜନନୀ କ୍ରିକେଟ ଟୁର୍ନାମେଣ୍ଟ

# ଜିପିଏସ୍ ଟାଇଗର ଚାମ୍ପିୟନ

**ପିପିଲି,୧୫।୩(ସ୍ୱ.ପ୍ର.)** ପିପିଲି ବ୍ଲକର ଜଇଶପାଟଣା ନିକଟବର୍ତ୍ତୀ ଭାଲିଆବିଲିସ୍ଥିତ ଶାନ୍ତି ମଇଦାନ ପଡ଼ିଆରେ ଜଗତ୍‌ଜନନୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୪ର୍ଥ ବାର୍ଷିକ ବିପିଏଲ୍ ଦିବାରାତ୍ରି କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିପିଏସ ଟାଇଗର, ମହାବୀର ୱାରିୟର, ରୟଲ ଜାଗୁଆର କିଙ୍ଗ, ସାଇ ରକ୍‌ଷ୍ଟାର ପ୍ରମୁଖ ୪ଟି ଦଳ ସାମିଲ ହୋଇଥିଲେ। ଫାଇନାଲ ମ୍ୟାଚରେ ସାଇ ରକଷ୍ଟାରକୁ ହରାଇ ଜିପିଏସ୍ ଟାଇଗର ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥିଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ସାଇ ରକଷ୍ଟାର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ଉଇକେଟ ହରାଇ ୯୭ ରନ କରିଥିଲା। ଜବାବରେ ଜିପିଏସ ଟାଇଗର ୮ ଓଭରରେ ୪ ଉଇକେଟ ହରାଇ ୧୦୧ ରନ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ୧୭ ବଲରୁ ସର୍ବାଧିକ ୪୮ରନ କରିଥିବା ଅଜୟ ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ବିଭୁପ୍ରସାଦ ମଲ୍ଲିକଙ୍କୁ ମ୍ୟାନ ଅଫ୍ ଦି ସିରିଜ ହୋଇ ପୁରସ୍କୃତ ହେବା ସହ ଉଭୟଙ୍କୁ ଟାଟାସ୍କାଏ ପକ୍ଷରୁ ୨ଟି ସେଟପ୍ ବକ୍ସ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନ ଉତ୍ସବରେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ଜଗନ୍ନାଥ ପ୍ରଧାନ ଏବଂ ପରେ ପୁରୀ ଜିଲା କଂଗ୍ରେସ ସଭାପତି ଅଜିତ ମଙ୍ଗରାଜ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୨୦ହଜାର ଓ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଆୟୋଜକ କ୍ଲବ ସଭାପତି ସଭାପତି ପ୍ରମୋଦ ସ୍ୱାଇଁ, ସମ୍ପାଦକ ବିରଞ୍ଜନ ମିଶ୍ର, କମିଟି ସଦସ୍ୟ ଗଦାଧର ମହାନ୍ତି, ଗୋପାଳଚନ୍ଦ୍ର ସାହୁ, ପ୍ରତାପ କିଶୋର ସ୍ୱାଇଁ, ସୁଶାନ୍ତ ପ୍ରଧାନ, ଜୟଦେବ ବରାଳ ଓ ସଞ୍ଜୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିବାବେଳେ ସୁଶାନ୍ତ ବିଶ୍ୱାଳ ଓ ବ୍ରଜଶ୍ରୀ ବ୍ରଜମୋହନ ମ୍ୟାଚ ପରିଚାଳନା କରିଥିଲେ।

# ଭାଙ୍ଗିଯାଇଛି ସୂଚନାଫଳକ, ପାଟ୍ରୋଲିଂ ନାହିଁ

**ଚେତୁନାହାନ୍ତି ପର୍ଯ୍ୟଟକ, ସମୁଦ୍ରରେ ଯାଉଛି ଜୀବନ**

**ପୁରୀ ଅଫିସ,୧୫।୩:** ଅଣ୍ଡର କରେଣ୍ଟ ପ୍ରଭାବରେ ପୁରୀ ବେଳାଭୂମି ଏତେ ଅଶାନ୍ତ ହେଲାଣି ଯେ, ଗତ ତିନି ଦିନ ମଧ୍ୟରେ ୧୭ ଜଣ ଲହଡ଼ି ମାଡରେ ଆହତ ହେଲେଣି। ସୋମବାର ପଶ୍ଚିମବଙ୍ଗର ଝୁମା ଭୂମି ଓ ଅନୀଲ ହରି ସମୁଦ୍ରରେ ଭାସି ଯାଉଥିବାବେଳେ ଲାଇଫଗାର୍ଡମାନେ ତାଙ୍କୁ ଉଦ୍ଧାର କରିଛନ୍ତି। ସେକ୍ଟର ୧୧ ସ୍ୱର୍ଗଦ୍ୱାର ସାମ୍ନା ଓ ଶୁଭ ପାଲେସ ପାଖ ସମୁଦ୍ରରେ ବୁଡ଼ିଯାଉଥିବା ବେଳେ ଏହି ପର୍ଯ୍ୟଟକ ଦ୍ୱୟଙ୍କୁ ଉଦ୍ଧାର କରାଯାଇଛି। ପ୍ରତିଦିନ ଏଭଳି ଘଟଣା ସତ୍ତ୍ୱେ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଅଗ୍ନିଶମ ବିଭାଗ ଏସ୍‌ଆଇ ଧନଞ୍ଜୟ ମଲ୍ଲିକ କହିଛନ୍ତି, ଶହେ ଜଣ ଲାଇଫଗାର୍ଡ ନିଯୁକ୍ତି ପାଇଥିବାବେଳେ ଏବେ ୮୯ ଜଣ କାର୍ଯ୍ୟ କରୁଛନ୍ତି। କେତେଜଣ ଲମ୍ବା ଛୁଟିରେ ଯାଇଥିବାବେଳେ ଅନ୍ୟ କେତେଜଣ ଡିସ୍‌ଚାର୍ଜ ହୋଇଥିବାରୁ କମ୍ ମାନବସମ୍ବଳରେ କାମ କରିବାକୁ ପଡୁଛି। ଦିଗବାରେଣୀରୁ ଶୁଭ ପାଲେସ ମଧ୍ୟରେ ୧୪ଟି ସେକ୍ଟର ରହିଛି। ଏହାଛଡ଼ା ଚନ୍ଦ୍ରଭାଗା, ନୀଳାଦ୍ରି ବେଳାଭୂମି ଓ ବ୍ଲୁ ଫ୍ଲାଗ୍ ବିଚରେ ମଧ୍ୟ ଲାଇଫ ଗାର୍ଡ ମୁତୟନ ହେଉଛନ୍ତି। ସମ୍ପୃକ୍ତ ସ୍ଥାନରେ ପାଟ୍ରୋଲିଂ ମଧ୍ୟ ହେଉଛି। ତେବେ ସୁଭାଷ ବୋଷ ଛକଠାରୁ ପେଣ୍ଟକଟା ପର୍ଯ୍ୟନ୍ତ ବେଳାଭୂମିରେ କାହିଁକି ଲାଇଫଗାର୍ଡଙ୍କୁ ମୁତୟନ କରାଯାଉନାହିଁ ତାହା ପ୍ରଶ୍ନବାଚୀ ହୋଇଛି। ଏହି ସ୍ଥାନଗୁଡ଼ିକରେ ଗାଧୋଇବାକୁ ବାରଣ ରହିଛି। ମାତ୍ର ପର୍ଯ୍ୟଟକ ଏହାକୁ ନ ମାନି ଏଠାରେ ଗାଧୋଉଥିବା ଚିତ୍ର ଅନେକ ସମୟରେ ସାମ୍ନାକୁ ଆସୁଛି। କିଛି ଦିନ ତଳେ ଜଣେ ଯୁବକ ପିଙ୍କ ହୋଟେଲ୍ ପଛପଟ ବିଚ୍‌ରେ ଗାଧୋଉଥିବା ବେଳେ ଭାସି ଯାଇଥିଲେ। ଯଦି ସେଠାରେ ଲାଇଫ ଗାର୍ଡ ଥାନ୍ତେ ତେବେ ସମ୍ପୃକ୍ତ ଯୁବକଙ୍କ ଜୀବନ ରକ୍ଷା ପାଇପାରିଥାନ୍ତା। ସେହିପରି ପର୍ଯ୍ୟଟକଙ୍କୁ ସଚେତନ କରିବା ପାଇଁ ସମ୍ପୃକ୍ତ ସ୍ଥାନଗୁଡ଼ିକରେ ସୂଚନା ଫଳକ ଲଗାଯିବା କଥା। ମାତ୍ର ବିଡମ୍ବନା ଯେ, ସୁଭାଷ ବୋଷ ଛକଠାରୁ ଚକ୍ରତୀର୍ଥ ରୋଡ୍ ସଂଲଗ୍ନ ବେଳାଭୂମିରେ ସମୁଦ୍ର ଭିତରକୁ ନ ଯିବା ପାଇଁ ସତର୍କ କରି ସୂଚନାଫଳକ ଲାଗିନାହିଁ। ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ଲଗାଯାଇଥିବା ସୂଚନାଫଳକଗୁଡ଼ିକ ଫଣୀ ବାତ୍ୟାରେ ଭାଙ୍ଗିଯାଇଛି ବୋଲି ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ସଫେଇ ଦିଆଯାଇଛି। ପୁଣି ସତର୍କତା ସମ୍ବନ୍ଧିତ ସୂଚନା ଫଳକ ଲଗାଇବାକୁ ପ୍ରଶାସନ ପ୍ରକ୍ରିୟା ଜାରି ରଖିଛି।

## ସହର ଖବର

### ଦର ବୃଦ୍ଧି, କୃଷି ଆଇନ ବିରୋଧରେ ବିକ୍ଷୋଭ




**ପୁରୀ ଅଫିସ,୧୫।୩:** ତୈଳ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି ଏବଂ କୃଷି ଆଇନ ବିରୋଧରେ ସୋମବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୃଷକ ସଙ୍ଗଠନ ସମନ୍ୱୟ ସମିତି ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଶରତ କୁମାର ରାୟଗୁରୁ କହିଛନ୍ତି, ଦେଶରେ ତୈଳ ଉପରେ ଜିଏସ୍‌ଟି ଲାଗୁ ହେଲେ ପ୍ରାୟ ୪୨ଟଙ୍କାରେ ପେଟ୍ରୋଲ ଓ ଡିଜେଲ ମିଳିପାରନ୍ତା। ମାତ୍ର କେନ୍ଦ୍ର ସରକାର ଏନେଇ ଉଦ୍ୟମ କରୁନାହାନ୍ତି। ସେହିପରି କୃଷକଙ୍କ ଆନ୍ଦୋଳନରେ ଅନେକ ଜୀବନ ଗଲାଣି। ଏହାସତ୍ତ୍ୱେ ବିବାଦୀୟ କୃଷି ଆଇନକୁ ହଟାଯାଉ ନାହିଁ। ବିକ୍ଷୋଭରେ ଶରତ ରାୟଗୁରୁ, ଜଗନ୍ନାଥ ଦେଓ, ଭୀମସେନ ସ୍ୱାଇଁ, ପ୍ରଫୁଲ୍ଲ ମହାପାତ୍ର, ଲିଟୁଲାଲ ସୁବୁଦ୍ଧି, ବିଦ୍ୟାଧର ଦଳାଇ ଓ ଜ୍ୟୋତିପ୍ରକାଶ ନାୟକ ପ୍ରମୁଖ ସାମିଲ ଥିଲେ।

### ଅଁଳାବେଢ଼ାରେ ଲାଗୁଛି ରଙ୍ଗ

**ପୁରୀ ଅଫିସ,୧୫।୩:** ଶ୍ରୀବସ୍ତ୍ର ଖଣ୍ଡଶାଳାର ଅଁଳାବେଢାରେ ସୋମବାର ରଙ୍ଗ ଦିଆଯାଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରଖିଛି। ଅଁଳାବେଢ଼ା ଉପର ଭାଗ ରାମାନନ୍ଦୀ ଚିତା ଚାରିପାଖ ଓ ପଦ୍ମପାଖୁଡ଼ା ପ୍ରଭୃତି ଅଂଶକୁ ରଙ୍ଗ କରାଯାଇଛି। ଶ୍ରୀମନ୍ଦିର ଉପରେ ଚଢ଼ି ପ୍ରତ୍ନତତ୍ତ୍ୱ ବିଭାଗର କର୍ମଚାରୀମାନେ ଏହି କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ଚୂନରା ସେବକ ଶରତ ମହାନ୍ତି କହିଛନ୍ତି, ଶ୍ରୀବସ୍ତ୍ର ଖଣ୍ଡଶାଳା ଅଁଳା ବେଢ଼ା ଓ ଦଧିନଉତି ପ୍ରାଙ୍ଗଣରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମକରସଂକ୍ରାନ୍ତି ପୂର୍ବଦିନ ହୋଇଥାଏ। ମାତ୍ର ଏହି କାର୍ଯ୍ୟ ଅନ୍ୟ ତିଥିରେ ହେଉଛି। ଯାହା ପରମ୍ପରା ବାହାରେ। ସେହିପରି ଏହା ଚୂନରା ସେବକଙ୍କ କାମ ହୋଇଥିବାରୁ ନିହାତି ଜଣେ ଚୂନରା ସେବାୟତଙ୍କ ଉପସ୍ଥିତିରେ କାମ କରାଯିବା କଥା। ତେବେ ଏ ନେଇ ପ୍ରଶାସନ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।

### ବିଶ୍ୱବିଦ୍ୟାଳୟ ଆଇନ ପ୍ରତ୍ୟାହାର ଦାବି

**ପୁରୀ ଅଫିସ,୧୫।୩:** ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ ତୁରନ୍ତ ପ୍ରତ୍ୟାହାର ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଦାବି କରିଛି। ଏବିଭିପି ପକ୍ଷରୁ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସହସମ୍ପାଦକ ଦେବାଶିଷ ଶତପଥୀ କହିଛନ୍ତି, ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ସେହିପରି ରାଜ୍ୟରେ ବନ୍ଦ ହୋଇପଡ଼ିଥିବା ବିଏଡ୍ କଲେଜଗୁଡ଼ିକୁ ତୁରନ୍ତ ଖୋଲାଯାଉ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅତ୍ୟାଧୁନିକ ପାଠାଗାର ସୁବିଧା କରାଯିବାକୁ ସେ ଦାବି କରିଛନ୍ତି। ଶିମିଳିପାଳ ଜଙ୍ଗଲ ଅଗ୍ନିକାଣ୍ଡ, ପରୀ ହତ୍ୟାକାଣ୍ଡ ଓ ଦାଦନ ସମସ୍ୟା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ଏବିଭିପି ସ୍ୱର ଉତ୍ତୋଳନ କରିଛି। ଖବରଦାତା ସମ୍ମିଳନୀରେ ଜିଲା ସହସମ୍ପାଦକ ତାରା ପ୍ରସାଦ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୌସୁମୀ ଭୋଇ ଓ ପୁରୀ ନଗର ସମ୍ପାଦକ ଦେବାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ଭଲିବଲ: ପୁରୀ ପୋଲିସ ଚାମ୍ପିୟନ

**ପୁରୀ ଅଫିସ,୧୫।୩:** ସୁନ୍ଦରା ଜାଗାରେ ଚାଲିଥିବା ଦୁଇଦିନିଆ ସିନିୟର ଦିବାରାତ୍ର ପୁରୁଷ ଭଲିବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୀ ଜିଲାର ୧୬ଟି ଦଳ ଭାଗ ନେଇଥିଲେ। ପୁରୀ ପୋଲିସ ଓ ରାମହରି ବିଦ୍ୟାପୀଠ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ପୁରୀ ପୋଲିସ ଟିମ୍ ୨–୧ରେ ମ୍ୟାଚ ଜିତି ଚାମ୍ପିୟନ ହୋଇ ୫ହଜାର ଟଙ୍କା ସହ ଟ୍ରଫି ପାଇଛି। ସେହିଭଳି ରନର୍ସ ଅପ୍ ରାମହରି ବିଦ୍ୟାପୀଠକୁ ୩ହଜାର ଟଙ୍କା ମିଳିଛି। ପୁରୀ ପୋଲିସର ଅକ୍ଷୟ ମିଶ୍ର ଶ୍ରେଷ୍ଠ ଖେଳାଳି ଓ ସେଣ୍ଟ୍ରାଲ ସଂସ୍କୃତ ବିଶ୍ୱବିଦ୍ୟାଳୟର ବିଦୁନାଙ୍କୁ ବେଷ୍ଟ ଆଟାକର ଭାବେ ପୁରସ୍କୃତ କରାଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୁନ୍ଦରା ଜାଗାର କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ରନାଥ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଅର୍ଜୁନ ନାୟକ, ସବ୍ୟସାଚୀ ରଥ ଓ ଯୋଗେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ହୋଇଥିବା ପୁରୀ ପୋଲିସ ଟିମ୍‌ର ଖେଳାଳିମାନେ ।



କଟକରେ ଆରମ୍ଭ ହୋଇଥିବା ରାଜ୍ୟ ଜୁନିୟର କୁସ୍ତିରେ ସୋମବାର ସମ୍ବଲପୁର ଓ ପୁରୀ ପ୍ରତିଯୋଗୀଙ୍କ ମଧ୍ୟରେ ଲଢ଼େଇ।

# ଦୂତୀ, ଅମିୟ ଫାଇନାଲରେ

ଭୁବନେଶ୍ୱର, ୧୫।୩(କ୍ରୀଡ଼ା ପ୍ରତିନିଧି)

**ଫେଡେରେଶନ କପ୍ ଆଥଲେଟିକ୍ସ**



ଦୂତୀ ଚାନ୍ଦ



ଅମିୟ କୁମାର ମଲିକ

ପଟିଆଲାର ଏନ୍ଏସ୍ ଏନ୍ଆଇଏସ୍‌ରେ ଆରମ୍ଭ ହୋଇଥିବା ୨୪ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥଲେଟିକ୍ ଚାମ୍ପିୟନଶିପ୍‌ର ମହିଳା ଓ ପୁରୁଷ ୧୦୦ ମିଟର ଇଭେଣ୍ଟରେ ଓଡ଼ିଶାର ଦୂତୀ ଚାନ୍ଦ ଓ ଅମିୟ କୁମାର ମଲିକ ଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ହିଟ୍-୩ରେ ରେସ୍ କରି ଦୂତୀ ୧୧.୫୧ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ହିଟ୍-୧ରେ ତାମିଲନାଡୁର ଧନଲକ୍ଷ୍ମୀ ୧୧.୩୮ ସେକେଣ୍ଡ ସମୟରେ ରେସ୍ ଫିନିଶ୍ କରିଥିଲେ। ୩ ହିଟ୍‌ର ଫଳାଫଳ ପରେ ଦୂତୀ, ଧନଲକ୍ଷ୍ମୀ, ମହାରାଷ୍ଟ୍ରର ଡିଣ୍ଡ୍ରା ଢୁଡ୍‌ଲି ଭାଲାଟ, ତାମିଲନାଡୁର ସି. କାନିମୋଝି, ଅର୍ଚ୍ଚନା ସୁସେନ୍ଦ୍ରନ, ଆସାମର ହିମା ଦାସ, ପଶ୍ଚିମବଙ୍ଗର ହିମାଶ୍ରୀ ରୟ ଓ କର୍ନାଟକର ଧନେଶ୍ୱରୀ ଏ.ଟି. ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ପୁରୁଷ ୧୦୦ ମିଟର ହିଟ୍‌ରେ ଅମିୟ ୧୦.୭୩ ଓ ସେମିଫାଇନାଲରେ ସେହି ୧୦.୭୩ ସେକେଣ୍ଡ ସମୟ ନେଇ ଫାଇନାଲରେ ପ୍ରବେଶ କରିଛନ୍ତି। ତାଙ୍କ ସହ ଫାଇନାଲରେ ଭାଗ୍ୟ ପରୀକ୍ଷା କରିବାକୁ ଯାଉଥିବା ଅନ୍ୟ ପ୍ରତିଯୋଗୀମାନେ ହେଲେ ହିମାଚଳ ପ୍ରଦେଶର ପରେସ, ତାମିଲନାଡୁର ଏ. ବିଘ୍ନେଶ, ଇ.କହ୍ନାଇ, ପଞ୍ଜାବର ଗୁରିନ୍ଦରବୀର ସିଂ, ହରଜିତ ସିଂ, ତେଲଙ୍ଗାନାର ଅମ୍ଲାନ ବୋର୍ଗୋହେନ ଓ ମହାରାଷ୍ଟ୍ରର କ୍ରିଷ୍ଣକୁମାର ସତୀଶ ଆର.।

# ରାଜ୍ୟ ଜୁନିୟର କୁସ୍ତି ଆରମ୍ଭ

ଭୁବନେଶ୍ୱର, ୧୫।୩ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କୁସ୍ତି ଆସୋସିଏଶନ ଆନୁକୂଲ୍ୟରେ କଟକର ସଚିନ ତେନ୍ଦୁଲକର ଇନ୍‌ଡୋର ହଲ୍‌ରେ ଜୁନିୟର ଏବଂ କ୍ୟାଡେଟ୍ ବାଳକ ଫ୍ରିଷ୍ଟାଇଲ କୁସ୍ତି ପ୍ରତିଯୋଗିତା ସୋମବାର ଆରମ୍ଭ ହୋଇଛି। ଜୁନିୟର ବିଭାଗରେ ୧୮ରୁ ୨୦ ବର୍ଷ ବର୍ଗରେ ୫୭, ୬୧, ୬୫, ୭୦, ୭୪, ୭୯ ଓ ୮୬ କେଜି ବିଭାଗରେ ଏବଂ କ୍ୟାଡେଟ୍ ବାଳକ ସବ୍‌ଜୁନିୟର ୧୬-୧୭ ବୟସ ବର୍ଗରେ ୪୫, ୪୮, ୫୧, ୫୫, ୬୦, ୬୫, ୭୧ ଓ ୮୦ କେଜି ବିଭାଗରେ ପ୍ରତିଯୋଗିତା ହେଉଛି। ପ୍ରତିଯୋଗିତାରେ ୫ ଜିଲା ପୁରୀ, ସମ୍ବଲପୁର, ଢେଙ୍କାନାଳ, ଖୋର୍ଦ୍ଧା ଓ କଟକରୁ ୪୫ ରେସ୍‌ଲର ଅଂଶଗ୍ରହଣ କରିଛନ୍ତି। ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆୟୋଜକ ଆସୋସିଏଶନ ସଭାପତି ରାମଚନ୍ଦ୍ର ପାଢ଼ୀ, ସମ୍ପାଦକ କିଶୋର ବେହେରା, ପୂର୍ବତନ ସମ୍ପାଦକ ବିନୋଦ କୁମାର ଦାସ, ଉପସଭାପତି ଦେବେନ୍ଦ୍ର ସାହୁ, ପରାମର୍ଶଦାତା ନୀଳମଣି ସାହୁ, ବିରଜା ପ୍ରସାଦ ଦାସ, କୋଷାଧ୍ୟକ୍ଷ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ସେମିଫାଇନାଲରେ ଓଡ଼ିଶା



ଓଡ଼ିଶା ଓ ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଭୁବନେଶ୍ୱର, ୧୫।୩(କ୍ରୀଡ଼ା ପ୍ରତିନିଧି)

**ଜାତୀୟ ସବ୍‌ଜୁନିୟର ମହିଳା ହକି**

ଝାଡ଼ଖଣ୍ଡର ସିମଡେଗାଠାରେ ଚାଲିଥିବା ୧୧ତମ ଜାତୀୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର ସେମିଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୫-୧ ଗୋଲରେ ପଞ୍ଜାବକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଦୀପିକା ବାର୍‌ୱା ୩୭ ଓ ୫୧ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ନିଶା ଦାଦେଲ ୧୩, ରମ୍ଭା କୁଜୁର ୪୧ ଓ କନିକା କେର୍କେଟା ୨୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପଞ୍ଜାବ ଅଧିନାୟିକା ସୁଖଭୀର କୌର ୫୫ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ହରିୟାଣା ୨୩-୦ରେ ତାମିଲନାଡୁ, ଉତ୍ତରପ୍ରଦେଶ ୧୧-୦ରେ ବିହାର ଓ ଝାଡ଼ଖଣ୍ଡ ୧୬-୦ ଗୋଲରେ ଦିଲ୍ଲୀକୁ ହରାଇ ସେମିଫାଇନାଲରେ ପହଞ୍ଚିଛି। ୧୭ ତାରିଖରେ ସେମିଫାଇନାଲ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଆୟୋଜକ ଝାଡ଼ଖଣ୍ଡକୁ ଭେଟିବାକୁ ଥିବାବେଳେ ଉତ୍ତର ପ୍ରଦେଶ ଓ ହରିୟାଣା ମଧ୍ୟରେ ମୁକାବିଲା ହେବ।

# ୱେଷ୍ଟଇଣ୍ଡିଜର କ୍ଲିନ୍ ସୁଇପ୍

ନର୍ଥପଏଣ୍ଟ (ଆଣ୍ଟିଗୁଆ), ୧୫।୩ (ଏପି)

ଡାରେନ ବ୍ରାଭୋଙ୍କ ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆ ସହାୟତାରେ ସାର୍ ଭିଭିଆନ୍ ରିଚାର୍ଡ୍ସ ଷ୍ଟାଡିୟମରେ ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆରେ ୱେଷ୍ଟଇଣ୍ଡିଜ ୫ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏଥିସହିତ ଦଳ ୩-୦ରେ କ୍ଲିନ୍ ସୁଇପ୍ ସିରିଜ ବିଜୟ ହାସଲ କରିଛି। ଡାରେନ ବ୍ରାଭୋ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିବାବେଳେ ଶାଇ ହୋପ୍ ପ୍ଲେୟର ଅଫ୍ ଦି ସିରିଜ ହୋଇଛନ୍ତି। ବିଜୟ ଲକ୍ଷ୍ୟ ପିଛା କଲାବେଳେ ଘରୋଇ ଦଳ ୧୦ମ ଓଭର ସୁଦ୍ଧା ୩୯ରନରେ ୨ଟି ଉଇକେଟ ହରାଇ ସାରିଥିଲା। ତେବେ ବ୍ରାଭୋ ଓ ଶାଇ ହୋପ୍ (୬୪) ତୃତୀୟ ଉଇକେଟ ପାର୍ଟନରଶିପ୍‌ରେ ୧୦୯ରନ ଯୋଗ କରି ଦଳର ବ୍ୟାଟିଂରେ ସୁଧାର ଆଣିଥିଲେ। ବ୍ରାଭୋ ୪୭ତମ ଓଭରରେ ୧୦୨ ରନ କରି ଆଉଟ ହୋଇଥିଲେ। ସେତେବେଳେ ଶ୍ରୀଲଙ୍କାର ୨୭୪/୬ ସ୍କୋରକୁ ଅତିକ୍ରମ କରିବା ଲାଗି ୱେଷ୍ଟଇଣ୍ଡିଜ ମାତ୍ର ୨୬ରନ ଆବଶ୍ୟକ କରୁଥିଲା। ବ୍ରାଭୋ ୫୩ରନ କରି ଅପରାଜିତ ରହିଥିବା ଅଧିନାୟକ କିରନ ପୋଲାର୍ଡଙ୍କ ସହ ୯୦ରନର ପାର୍ଟନରଶିପ୍ କରିଥିଲେ। ଘରୋଇ ଦଳ ୯ଟି ବଲ୍ ବାକିଥାଇ ମ୍ୟାଚ ଜିତିନେଇଥିଲା। ୪୮.୩ ତମ ଓଭରରେ ଜାସନ ହୋଲ୍ଡର ଏକ ଛକା ମାରି ରନ୍ ଚେଜ୍‌ର ପରିସମାପ୍ତି ଘଟାଇଥିଲେ। ୱେଷ୍ଟଇଣ୍ଡିଜ ୫ ଉଇକେଟ ବିନିମୟରେ ୨୭୬ରନ କରିଥିଲା। ସୂଚନାଯୋଗ୍ୟ, ୨୦୧୬ ଜୁନ୍‌ପରଠାରୁ ବ୍ରାଭୋଙ୍କର ଏହା ହେଉଛି ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ଶତକ। ସେତେବେଳେ ସେ ବାର୍ବାଡୋସ୍‌ର ବ୍ରିଜ୍‌ଟାଉନ୍‌ଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୦୨ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ଇନିଂସ: ୫୦ ଓଭରରେ ୨୭୪/୬ (ହସରଙ୍ଗା-୮୦*, ବନ୍ଦରା-୫୫*, ଦାନୁଷ୍କା ଗୁଣତିଲକା-୩୬ ; ଆକିଲ ହୋସେନ-୩/୩୩)।

ୱେଷ୍ଟଇଣ୍ଡିଜ ଇନିଂସ: ୪୮.୩ ଓଭରରେ ୨୭୬/୫ (ବ୍ରାଭୋ-୧୦୨, ଶାଇ ହୋପ୍-୬୪, କିରନ ପୋଲାର୍ଡ-୫୩* ; ସୁରଙ୍ଗା ଲକମଲ-୨/୫୬)।

# ସ୍ୱୟମ୍ଭ, ପ୍ରମୋଦ, ଅରୁଣ, ପଞ୍ଚାନନ ଶ୍ରେଷ୍ଠ

ଭୁବନେଶ୍ୱର, ୧୫।୩(କ୍ରୀଡ଼ା ପ୍ରତିନିଧି)



ସ୍ୱୟମ୍ଭ ମିଶ୍ର



ପ୍ରମୋଦ ଭଗତ



ଅରୁଣ ଦାସ



ପଞ୍ଚାନନ ଗନ୍ତାୟତ

**ଓସ୍‌ଜା ପୁରସ୍କାର ପ୍ରଦାନ ଉତ୍ସବ ୨୧ରେ**

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)ର ୬ଷ୍ଠ ପ୍ରତିଷ୍ଠା ଦିବସ ଚଳିତ ମାସ ୨୧ ତାରିଖରେ କଟକରେ ଆୟୋଜିତ ହେବ। ଏଥିରେ ଓଡ଼ିଶାର ଦ୍ୱିତୀୟ ଚେସ୍ ଗ୍ରାଣ୍ଡମାଷ୍ଟର୍ ସ୍ୱୟମ୍ଭ ମିଶ୍ର ଏବଂ ଖେଳାଳିରୁ ସଫଳ ପ୍ରଶିକ୍ଷକ ପାଲଟିଥିବା ଅରୁଣ ଦାସଙ୍କୁ ପୁରସ୍କୃତ କରାଯିବ। ସ୍ୱୟମ୍ଭଙ୍କୁ ୨୦୨୦ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ଏବଂ ଅରୁଣଙ୍କୁ 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ' ସମ୍ମାନ ପ୍ରଦାନ କରାଯିବ ବୋଲି ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଏହି ଅବସରରେ କୋଭିଡ୍-୧୯ ପାଇଁ ଅଟକିଥିବା ୨୦୧୯ ମସିହାର ବାର୍ଷିକ ପୁରସ୍କାର ମଧ୍ୟ ପ୍ରଦାନ କରାଯିବ। ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜେତା ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ଓ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ଆଥଲେଟିକ୍ସ ପ୍ରଶିକ୍ଷକ ପଞ୍ଚାନନ ଗନ୍ତାୟତ ପୁରସ୍କୃତ ହେବେ। ଉଭୟ ପୁରସ୍କାର ବାବଦରେ ଉପରୋକ୍ତ ୪ ଜଣଙ୍କୁ ମାନପତ୍ର ସହ ୨୫,୦୦୦ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଚଳିତ ବର୍ଷ ସଂଘ ପକ୍ଷରୁ ବିଶିଷ୍ଟ ଗଣମାଧ୍ୟମ ବ୍ୟକ୍ତିତ୍ୱ ହୃଦୟନାଥ ଦାସ ଓ ଶ୍ୟାମାକାନ୍ତ ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ।

ଗତବର୍ଷ ମେ'ରେ ଦେଶର ୬୨ତମ ଏବଂ ଓଡ଼ିଶାର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ହେବାର ଗୌରବ ଅର୍ଜନ କରିଥିଲେ ସ୍ୱୟମ୍ଭ। ପୂର୍ବରୁ ଦେବାଶିଷ ଦାସ ରାଜ୍ୟର ପ୍ରଥମ ତଥା ଏକମାତ୍ର ଗ୍ରାଣ୍ଡମାଷ୍ଟର ଥିଲେ। ସେହିଭଳି ନିଜ ଖେଳାଳି ଜୀବନରେ ଠିକ୍ ୫୦ ବର୍ଷ ତଳେ ଅହମଦାବାଦରେ ଜାତୀୟ କନିଷ୍ଠ ଆଥଲେଟିକ୍ସ ଜାଭଲିନ୍ ଥ୍ରୋରେ ମିଟ୍ ରେକର୍ଡ (୫୭.୯୬ ମିଟର) ପ୍ରତିଷ୍ଠା କରିଥିବା ଅରୁଣ ଦାସ ୧୯୭୨ରେ ରାଜସ୍ଥାନର ଜୟପୁରଠାରେ ସିନିୟର ବର୍ଗରେ ମଧ୍ୟ ବ୍ରୋଞ୍ଜ ପଦକ ପାଇଥିଲେ। ୧୯୭୪-୭୫ରେ ପଟିଆଲାରୁ ଏନଆଇଏସ୍ ପ୍ରଶିକ୍ଷକ ଭାବେ ଉତ୍ତୀର୍ଣ୍ଣ ହେବା ପରେ ଓଡ଼ିଶାକୁ ଏକାଧିକ ଅନ୍ତର୍ଜାତୀୟ ଖେଳାଳି ପ୍ରଦାନ କରିବାରେ ସେ ପ୍ରମୁଖ ଭୂମିକା ତୁଲାଇଥିଲେ।

ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍ଆଇ)ର ଏକମାତ୍ର ଅନୁବନ୍ଧିତ ଓଡ଼ିଶା ସଂଘ 'ଓସ୍‌ଜା' ପକ୍ଷରୁ ୨୦୧୮ରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ଓସ୍‌ଜା ପୁରସ୍କାରର ପ୍ରଥମ ବିଜେତା ଥିଲେ ହେପ୍ଟାଥଲନ ତାରକା ପୂର୍ଣ୍ଣିମା ହେମ୍ବ୍ରମ୍ ଓ ବର୍ଷୀୟାନ ଫୁଟବଲ ଖେଳାଳି ଦେବ ସିଂ। ସେହିଭଳି ୨୦୧୯ରେ ହକି ତାରକା ଅମିତ ରୋହିଦାସ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ବକ୍ସିଂ ପ୍ରଶିକ୍ଷକ ବ୍ରଜ ଭୂଷଣ ମହାନ୍ତି ଏହି ମର୍ଯ୍ୟାଦାଜନକ ପୁରସ୍କାର ଗ୍ରହଣ କରିଥିଲେ। ୨୦୧୯ରେ ଓଡ଼ିଶାର ଅଷ୍ଟମ ଖେଳାଳି ଭାବେ ଅର୍ଜୁନ ପୁରସ୍କାର ଗ୍ରହଣ କରିଥିବା ପ୍ରମୋଦ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ପଦକ ଜିତି ସାରିଛନ୍ତି। ଅନ୍ୟପକ୍ଷରେ ନିଜ ସମୟରେ ଜଣେ ବହୁମୁଖୀ କ୍ରୀଡ଼ା ତାରକା ଥିବା ପଞ୍ଚାନନ ଦ୍ୱିତୀୟ ଓଡ଼ିଆ ଭାବେ ଜାତୀୟ ପ୍ରତିଯୋଗିତାର ୧୧୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରଶିକ୍ଷକ ଭାବେ ସେ ମଧ୍ୟ ଅନୁରାଧା ବିଶ୍ୱାଳ ଓ ରଚିତା ମିସ୍ତ୍ରୀଙ୍କ ଭଳି ଅଲିମ୍ପିଆନ୍ ସୃଷ୍ଟି କରିଥିଲେ।

# ଅଲ୍ଟିମେଟ୍ ଖୋ ଖୋକୁ ଲୋକପ୍ରିୟ କରିବାକୁ ଉଦ୍ୟମ

**ଭୁବନେଶ୍ୱର, ୧୫।୩ (କ୍ରୀଡ଼ା ପ୍ରତିନିଧି):** ସୋନି ପିକ୍ଚର୍ସ ନେଟ୍‌ୱର୍କ ଇଣ୍ଡିଆ(ଏସ୍‌ପିଏନ୍ଆଇ) ଭାରତରେ ପ୍ରଥମଥର ଖୋ ଖୋ ସହିତ ଆଗାମୀ କିଛିବର୍ଷ ପାଇଁ ଡିଜିଟାଲ ବ୍ରଡ୍‌କାଷ୍ଟ ଲାଗି ଚୁକ୍ତି ସ୍ୱାକ୍ଷର କରିଛି। ଏହା ସହିତ ଭାରତୀୟ ଦର୍ଶକଙ୍କ ପାଇଁ ଦ୍ରୁତ ଅଭିବୃଦ୍ଧି ହେଉଥିବା 'ସିଟ୍ ଆକ୍ସନ୍' ଆଣିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୃଢ଼ କରିଛି। ଦର୍ଶକ ଓ କ୍ରୀଡ଼ା ଉତ୍ସାହୀଙ୍କୁ ଆକର୍ଷଣ ଲକ୍ଷ୍ୟରେ ୨୦୨୧ରେ ଶୁଭାରମ୍ଭ ପାଇଁ ଯୋଜନା କରିଥିବା ସୋନି ପିକ୍ଚର୍ସ ଏବଂ ଅଲ୍ଟିମେଟ୍ ଖୋ ଖୋ ଏହାକୁ ନୂତନ ଭାବରେ କ୍ରୀଡ଼ା କ୍ଷେତ୍ରରେ ଅଭିନବତା ଆଣିବାକୁ ଉଦ୍ୟମ କରିବେ, ଯାହା ଦର୍ଶକଙ୍କୁ ଅଲ୍ଟିମେଟ୍ ଖୋ ଖୋ ଦେଖିବା ପାଇଁ ସୋନି ସ୍ପୋର୍ଟ୍ସ ଓ ସୋନି ଲାଇଭ୍ ମାଧ୍ୟମରେ ସୁବିଧା ଯୋଗାଇଦେବ। ଅଲ୍ଟିମେଟ୍ ଖୋ ଖୋ ଏକ ପୁରାତନ କ୍ରୀଡ଼ାକୁ ନୂତନ ଫର୍ମାଟ୍ ବା ଆଧୁନିକ ଅବତାରରେ ଆଣିବ ଯାହା କେବଳ ଦର୍ଶକ ନୁହେଁ ବରଂ କ୍ରୀଡ଼ା ବିପ୍ଳବୀଙ୍କ ପାଇଁ ମଧ୍ୟ ଏକ ନିଆରା ଅନୁଭୂତି ସୃଷ୍ଟି କରିବ। ଡାବର ଗ୍ରୁପ୍‌ର ଚେୟାରମ୍ୟାନ୍ ତଥା ଅଲ୍ଟିମେଟ୍ ଖୋ ଖୋର ପ୍ରମୋଟର ଅମିତ୍ ବର୍ମନ୍ କହିଛନ୍ତି ଯେ, ଖୋ ଖୋର ପାରମ୍ପରିକ ଖେଳ ନିୟମ ସହଜ ହୋଇଥିବା ଯୋଗୁ ଏହା ଭାରତରେ ବ୍ୟାପକ ଲୋକପ୍ରିୟତା ହାସଲ କରିଛି। ଭାରତରେ ଏକ ବହୁ କ୍ରୀଡ଼ା ସଂସ୍କୃତିର ପ୍ରଚାର କରିବା ସର୍ବଦା ସୋନି ପିକ୍ଚର୍ସ ଲକ୍ଷ୍ୟ ରଖିଆସିଛି । ଭାରତର ସମସ୍ତ ରାଜ୍ୟରେ ୧୮ ବର୍ଷରୁ କମ୍ ବୟସର ଯୁବକମାନଙ୍କୁ ନେଇ ଦଳ ଗଠନ ହେବ । ନୂତନ ଚାମ୍ପିୟନ୍ ସୃଷ୍ଟି କରିବା, ଖେଳ ପାଇଁ ଗର୍ବ ଓ ଖୋ ଖୋକୁ ନୂତନ ବ୍ୟବସାୟିକ ଉଚ୍ଚତାକୁ ନେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସୋନି ପିକ୍ଚର୍ସର ବଣ୍ଟନ ଓ ମୁଖ୍ୟ ରାଜସ୍ୱ ଅଧିକାରୀ ରାଜେଶ କୋଲ୍ କହିଛନ୍ତି।

# ଭାରତକୁ ଜରିମାନା

ଦୁବାଇ, ୧୫।୩ (ପି.ଟି.)

ଅହମଦାବାଦରେ ରବିବାର ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ୍‌ରେ ସ୍ଲୋ ଓଭର ରେଟ୍ ପାଇଁ ଭାରତୀୟ ଖେଳାଳିମାନଙ୍କୁ ସେମାନଙ୍କ ମ୍ୟାଚ ଫି'ର ୨୦ ପ୍ରତିଶତ ଜରିମାନା ହୋଇଛି। ସମୟସୀମା ଭିତରେ ନିର୍ଦ୍ଧାରିତ ଓଭରରୁ ଗୋଟିଏ ଓଭର ପଛୁଆ ରହିଯାଇଥିବାରୁ ଭାରତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଚରଣବିଧି ଧାରା ୨.୨୨ ଉଲ୍ଲଂଘନ କରିଥିଲା। ସ୍ଲୋ-ଓଭର ରେଟ୍ ପାଇଁ ଆଇସିସି ଏଲିଟ୍ ପ୍ୟାନେଲ ଅଫ୍ ମ୍ୟାଚ ରେଫରିଜ୍‌ର ଜାଭାଗଲ ଶ୍ରୀନାଥ ଭାରତୀୟ ଦଳକୁ ଦଣ୍ଡ ବିଧାନ କରିଛନ୍ତି।

# ଜାତୀୟ ଟେନିସ କ୍ରିକେଟର ସଫଳ ପରିସମାପ୍ତି

ଭୁବନେଶ୍ୱର, ୧୫।୩ (କ୍ରୀଡ଼ା ପ୍ରତିନିଧି)



ମହିଳା ବିଭାଗ ଚାମ୍ପିୟନ ଗୋଆ ଦଳର ଖେଳାଳିମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

**■ ବିଶ୍ୱବିଦ୍ୟାଳୟସ୍ତରୀୟ ଟେନିସ କ୍ରିକେଟ ଆୟୋଜନ ପାଇଁ ସେଞ୍ଚୁରିଅନକୁ ଅନୁମତି**

ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ୫ମ ଜାତୀୟ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍ ସଫଳତାର ସହ ସମ୍ପନ୍ନ ହୋଇଛି। ନହରକଣ୍ଟାର ଶ୍ରୀ ଜୟଦେବ କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ମହିଳା ବିଭାଗରେ ଗୋଆ ଏବଂ ସେଞ୍ଚୁରିଅନ ଗ୍ରାଉଣ୍ଡରେ ଅନୁଷ୍ଠିତ ପୁରୁଷ ବିଭାଗରେ ଛତିଶଗଡ଼ ଚାମ୍ପିୟନ ହୋଇଛି। ଓଡ଼ିଶା ପୁରୁଷ ଦଳର ଅଭିଯାନ କ୍ୱାର୍ଟର ଫାଇନାଲରୁ ଏବଂ ମହିଳା ଦଳର ଲିଗ୍ ପର୍ଯ୍ୟାୟରୁ ଶେଷ ହୋଇଥିଲା।

ପ୍ରତିଯୋଗିତାର ମହିଳା ବିଭାଗ ଫାଇନାଲରେ ଗୋଆ ୨୯ ରନରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ସେହିପରି ପୁରୁଷ ବିଭାଗରେ ଛତିଶଗଡ଼ ୨୪ ରନରେ ମଧ୍ୟପ୍ରଦେଶକୁ ହରାଇ ଟାଇଟଲ ଜିତିଥିଲା। ପୂର୍ବରୁ ଅନୁଷ୍ଠିତ ପୁରୁଷ ବିଭାଗର ଦୁଇ ସେମିଫାଇନାଲରେ ଯଥାକ୍ରମେ ଛତିଶଗଡ଼ ୫ ଉଇକେଟରେ ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶ ୧୯ ରନରେ କେରଳକୁ ହରାଇଥିଲା। ପୂର୍ବାହ୍ନରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଗୁଜରାଟକୁ ମଧ୍ୟପ୍ରଦେଶ, ଡାମନକୁ ଛତିଶଗଡ଼, ଓଡ଼ିଶାକୁ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡକୁ କେରଳ ପରାସ୍ତ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ (ଟିସିଏଆଇ) ବରିଷ୍ଠ ଉପସଭାପତି ବିଧାନ ଦାଶ ମୁଖ୍ୟ ଅତିଥି ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ନିର୍ଦ୍ଦେଶକ ଡ. ରବିନାରାୟଣ ରାଉତରାୟ, ବିଜେଡି ନେତା ଅମରେଶ ଜେନା, ପ୍ରକାଶ ତ୍ରିପାଠୀ, ଜ୍ୟୋତିର୍ମୟୀ ପରିଡ଼ା ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପ୍ରତିଯୋଗିତା ଆୟୋଜନ ପାଇଁ ଅନୁମତି ଦେଇଥିବାରୁ ଏହି ଅବସରରେ ଆୟୋଜକ କମିଟି ପକ୍ଷରୁ ଟିସିଏଆଇ ସଭାପତି କହ୍ନେୟା ଗୁର୍ଜରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ପ୍ରତିଯୋଗିତାପରେ ଟିସିଏଆଇର ବାର୍ଷିକ ସାଧାରଣ ବୈଠକ ବସି ପ୍ରଥମଥରପାଇଁ ସେଞ୍ଚୁରିଅନ ୟୁନିଭର୍ସିଟିକୁ ସର୍ବଭାରତୀୟ ସ୍ତରରେ ବିଶ୍ୱବିଦ୍ୟାଳୟସ୍ତରୀୟ ଟେନିସ କ୍ରିକେଟ ଚାମ୍ପିୟନଶିପ୍ ଆୟୋଜନ ପାଇଁ ଅନୁମତି ଦିଆଗଲା। ଏହା ବ୍ୟତୀତ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ରବିନାରାୟଣଙ୍କୁ ବୈଷୟିକ ପରାମର୍ଶଦାତାଭାବେ ନିଯୁକ୍ତ କରାଗଲା ବୋଲି ଟିସିଏଆଇ ସାଧାରଣ ସମ୍ପାଦକ ରିଣ୍ଟୁ ମିତ୍ର ପ୍ରକାଶ କରିଛନ୍ତି। ରିଣ୍ଟୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାକୁ ମହିଳା ଓ ପୁରୁଷ ବିଭାଗର ଆୟୋଜକ କମିଟି ସମ୍ପାଦକ ରାଗିଣୀ ମିତ୍ର ଓ ବାସୁଦେବ ଓଝା ସଫଳତାର ସହ ପରିଚାଳନା କରିଥିଲେ।

# ସନ୍ତରଣ ପାଇଁ ବ୍ୟାପକ ତୃଣମୂଳ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୫।୩ (ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟରୁ ବିଶ୍ୱଶ୍ରେଣୀ ସନ୍ତରଣକାରୀ ସୃଷ୍ଟି କରିବା ଲାଗି ପ୍ରୟାସ ଆରମ୍ଭ ହୋଇଛି। ଏହିପରିପ୍ରେକ୍ଷୀରେ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ସହଯୋଗିତାରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ତରଫରୁ ବ୍ୟାପକ ତୃଣମୂଳ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିପାଇଁ ୮ଟି ସ୍ଥାନ ମନୋନୀତ କରାଯାଇଛି। ସେଗୁଡ଼ିକ ହେଲା ଭୁବନେଶ୍ୱର, ସମ୍ବଲପୁର, ବଲାଙ୍ଗୀର, ବୌଦ୍ଧ, ସୋନପୁର, ଅନୁଗୋଳ, ଗଞ୍ଜାମ ଓ ମୟୂରଭଞ୍ଜ। ଓଡ଼ିଶା ସରକାରଙ୍କ ସହିତ ହୋଇଥିବା ଚୁକ୍ତି ଅନୁସାରେ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ଏକ ହାଇପରଫର୍ମାନ୍ସ ସେଣ୍ଟର ସ୍ଥାପନ କରିବ, ଯେଉଁଠାରେ କି ଅନ୍ତର୍ଜାତୀୟ ସ୍ତରର କୋଚିଂ ବ୍ୟବସ୍ଥା ରହିବ। ଉପରୋକ୍ତ ୮ଟି ସ୍ଥାନ ପାଇଁ ଅଷ୍ଟ୍ରେଲିଆନ କାଉନ୍‌ସିଲ ଫର୍ ଟିଚିଙ୍ଗ ଅଫ୍ ସୁଇମିଂ ଆଣ୍ଡ୍ ୱାଟର ସେଫ୍ଟି ଦ୍ୱାରା ୨୦ ଜଣ କୋଚ୍ ଚୟନ କରାଯାଇଛି। ସେମାନଙ୍କ ମଧ୍ୟରେ ୨ଜଣ ଆଞ୍ଚଳିକ ମୁଖ୍ୟ ରହିଛନ୍ତି। ଏହି ପରୀପ୍ରେକ୍ଷୀରେ ଯୁବସେବା ଓ କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ତରଫରୁ କିଟ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ୪ ଦିନିକିଆ କୋଚିଂ ପ୍ରୋଗ୍ରାମ ସୋମବାର ଶେଷ ହୋଇଛି। ସନ୍ତରଣକାରୀମାନଙ୍କୁ କିପରି ଅନ୍ତର୍ଜାତୀୟ ମାନର ତାଲିମ ଦେଇ ହେବ ସେ ସେ ସମ୍ପର୍କରେ ମନୋନୀତ କୋଚ୍‌ମାନଙ୍କୁ ଏଥିରେ ଶିକ୍ଷାଦାନ କରାଯାଇଥିଲା। ଆଗାମୀ ବର୍ଷରେ ରାଜ୍ୟରେ ଚାମ୍ପିୟନ ସନ୍ତରଣକାରୀ ସୃଷ୍ଟି ହୋଇପାରିବେ ବୋଲି ଏହି ଅବସରରେ ରାଜ୍ୟ ଯୁବସେବା ଓ କ୍ରୀଡ଼ା ବିଭାଗ ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣା ଆଶା ପ୍ରକାଶ କରି କହିଛନ୍ତି। ଇନ୍‌ସ୍ପାୟାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ (ଆଇଆଇଏସ୍)ର ସିଇଓ ରଣଡି ୱାର୍ଲି କହିଛନ୍ତି, ଯଥାଶୀଘ୍ର ରାଜ୍ୟରେ ପ୍ରତିଭା ସମ୍ପନ୍ନ ସନ୍ତରଣକାରୀଙ୍କୁ ଖୋଜି ବାହାର କରିବା ପ୍ରକ୍ରିୟା ଆରମ୍ଭ ହେବ।



କୋଚିଂ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସନ୍ତରଣକାରୀମାନେ।

## ଅପପୁଷ୍ଟି ସଚେତନତା କାର୍ଯ୍ୟକ୍ରମ

ଚୌଦ୍ୱାର,(ଡି.ଏନ.ଏ.): ଶିକ୍ଷା ଓ ସଚେତନତା ଅଭାବରୁ ଅନେକ ବସ୍ତିରେ ଏବେବି ବହୁସଂଖ୍ୟକ ଲୋକ ଅପପୁଷ୍ଟିର ଶିକାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋଲ ସଙ୍ଗଠନ ପକ୍ଷରୁ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ବସ୍ତିରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଗ୍ରାହାଟ ପଞ୍ଚାୟତ ଅଧୀନ ଭରାଣ୍ଡି ଗ୍ରାମରେ ୩୦ରୁ ଅଧିକ ପରିବାର ଅପପୁଷ୍ଟିର ଶିକାର ହୋଇଥିବା ଜାଣିବା ପରେ ଡା. ପ୍ରିୟଙ୍କା ମହାନ୍ତି ଓ ସଙ୍ଗଠନର କର୍ମକର୍ତ୍ତାମାନେ ସେଠାରେ ପହଞ୍ଚିଥିଲେ। ସେଠାରେ ଲୋକମାନଙ୍କୁ ଅପପୁଷ୍ଟିର କାରଣ ଓ ନିରାକରଣ ଉପରେ ସଚେତନ କରାଇଥିଲେ। ଅପପୁଷ୍ଟିରୁ ରକ୍ଷା ପାଇବା ପାଇଁ ଅଞ୍ଚଳରେ ମିଳୁଥିବା ପୁଷ୍ଟିକର ଖାଦ୍ୟ ଖାଇବାକୁ ଲୋକମାନଙ୍କୁ ବୁଝାଇଥିଲେ।

**ସଂକ୍ଷେପରେ**

## ଜିଏସ୍‌ଟି ଜାଲିଆତିର ତଦନ୍ତ ଆରମ୍ଭ

**କଟକ ସଦର, ୧୫।୩(ଡି.ଏନ୍.ଏ.):** ରାଜ୍ୟ ବାଣିଜ୍ୟକର ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ କଟକ ସଦର ବ୍ଲକରେ ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ଜାଲିଆତିର ତଦନ୍ତ ଆରମ୍ଭ ହୋଇଛି। ବାଣିଜ୍ୟକର ବିଭାଗର ଏନ୍‌ଫୋର୍ସମେଣ୍ଟ ଷ୍ଟାଫ ସୋମବାର ବ୍ଲକ କାର୍ଯ୍ୟାଳୟକୁ ଆସି ପୁରୁଣା ବିଲ୍ ଫାଇଲ ତନଖି କରିଥିଲେ। ଏହାଛଡା କିଛି ଫାଇଲ ଯାଞ୍ଚ ପାଇଁ ଜବତ କରିଥିବା ଜଣାପଡିଛି। ବିଭିନ୍ନ କାର୍ଯ୍ୟର ବିଲ୍ ପାଇଁ ବ୍ଲକରେ ଦାଖଲ କରାଯାଇଥିବା ସିମେଣ୍ଟ, ରଡ୍, ରଙ୍ଗ, ବୈଦ୍ୟୁତିକ ସାମଗ୍ରୀ, ଚିପ୍‌ସ କ୍ରୟ ରସିଦ ଜାଲ୍ ଥିବା ବାଣିଜ୍ୟକର ଆୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ୨୦୧୭ରୁ ଜିଏସ୍‌ଟି ଲାଗୁ ହେବା ପରେ ପଞ୍ଚାୟତ ଓ ବ୍ଲକ ସ୍ତରରେ ଜାଲ୍ ରସିଦ ବ୍ୟବହାର କରାଯାଇ ଟିକସ ଫାଙ୍କିବାର ତଦନ୍ତ ଏନ୍‌ଫୋର୍ସମେଣ୍ଟ ଷ୍ଟାଫ ଚାଲୁ ରଖିଛନ୍ତି। କାରଣ କମ୍ପ୍ୟୁଟରରେ ପ୍ରସ୍ତୁତ ଜାଲ୍ ଜିଏସ୍‌ଟି ରସିଦ ବିଭିନ୍ନ ସାମଗ୍ରୀ କ୍ରୟରେ ବ୍ୟବହାର ହୋଇଛି। ଏହାଛଡା ୨୦୧୮ ମସିହାରୁ ସମସ୍ତ କାମ ବିଭାଗୀୟ ତତ୍ତ୍ୱାବଧାନରେ ହୋଇଥିବାରୁ ଯନ୍ତ୍ରୀମାନଙ୍କ ପାଇଁ ସମସ୍ୟା ଦେଖାଦେଇଛି। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡାଙ୍କୁ ପଚାରିବାରୁ ସେ କୌଣସି ମନ୍ତବ୍ୟ ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ।

## ଫ୍ରେଣ୍ଡ୍ସ କ୍ଲବର ବାର୍ଷିକ ଉତ୍ସବ

**କଟକ ଅଫିସ, ୧୫।୩:** କଟକ ସାଆନ୍ତସାହିସ୍ଥିତ ଫ୍ରେଣ୍ଡ୍ସ କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୁରୀଘାଟ ଥାନାର ଭାରପ୍ରାପ୍ତ ଅଧିକାରୀ ରଶ୍ମିରଞ୍ଜନ ସାହୁ, ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ, ଶିଳ୍ପପତି ପ୍ରଭାତ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ପବିତ୍ର କୁମାର ବାରିକଙ୍କୁ ନୀଳକଣ୍ଠ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ କ୍ଲବ ସଭାପତି ସଦୟ ବୋଷ, ଉପସଭାପତି ପ୍ରେମାନନ୍ଦ ସେନାପତି, ସମ୍ପାଦକ ସମରେନ୍ଦ୍ର ମୂଳିଆ, ସହସମ୍ପାଦକ ଆଲୋକ ଖଟୁଆ, ସଭ୍ୟ ପ୍ରତାପ ସୁବୁଦ୍ଧି, ଦିବାକର ବେହେରା ଉପସ୍ଥିତ ଥିଲେ। କୋଷାଧକ୍ଷ ମହେଶ କୁମାର ମଲ୍ଲ ଧନ୍ୟବାଦ ଦେଇଥିଲେ।

## ରାମକୃଷ୍ଣ ପରମହଂସଙ୍କ ଜୟନ୍ତୀ

**କଟକ ଅଫିସ, ୧୫।୩:** ଶ୍ରୀଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ଜୟନ୍ତୀ କଟକ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ରାମକୃଷ୍ଣ ପରମହଂସଙ୍କ ନୀତିବାଣୀ ତଥା ଧର୍ମୋପଦେଶ ଉପରେ ଆଲୋଚନା ହୋଇଥିଲା। କୁଟୀରର ସ୍ଥାୟୀ ସଭାପତି ପଦ୍ମନାଭ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଡା. ସୁଦର୍ଶନ ପଟ୍ଟନାୟକ, ଡ. ସତ୍ୟ ରାୟ, ଇଂ. ଯଦୁନାଥ ମହାପାତ୍ର, ଡା. ଜ୍ଞାନେନ୍ଦ୍ରନାଥ ମହାନ୍ତି, ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ, ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ।

## ମା' ଅନ୍ଧାର ଘର ବାଉତୀଙ୍କ ବାର୍ଷିକ ଉତ୍ସବ

**ଖୁଣ୍ଟୁଣୀ,୧୫।୩(ଡି.ଏନ.ଏ.):** ସ୍ଥାନୀୟ ସୁବାସୀ ସଂରକ୍ଷଣ ଜଙ୍ଗଲ ନିକଟରେ ଥିବା ଆରାଧ ଦେବୀ ମା' ଅନ୍ଧାରଘର ବାଉତୀଙ୍କର ଦ୍ୱିତୀୟ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିପାଇଁ କଳସ ଯାତ୍ରା, ଅଧିବାସ ଉତ୍ସବ ଓ ପୂର୍ଣ୍ଣାହୁତି ହୋଇଥିଲା।

## ବିଜ୍ଞାନ ପ୍ରଚାର ସମିତିର ଅଧିବେଶନ

**କଟକ ଅଫିସ, ୧୫।୩:** ବିଜ୍ଞାନ ପ୍ରଚାର ସମିତିର ବିଶେଷ ଅଧିବେଶନ କଟକ ଦୋଳମୁଣ୍ଡାଇସ୍ଥିତ ସମିତିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ନୌସେନା ଅଫିସର ଗୋବିନ୍ଦ ବିହାରୀ ଜେନା ଯୋଗଦେଇ ବୁଡାଜାହାଜର ଗଠନ, କାର୍ଯ୍ୟ କରିବାର ଶୈଳୀ ଆଦି ସମ୍ପର୍କରେ କହିଥିଲେ। ଡା. ବରଦା ଚରଣ ମହାନ୍ତି, ସଚ୍ଚିଦାନନ୍ଦ ଶତପଥୀ, ସୁବାସିନୀ ଲେଙ୍କା, ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ, ଚୌଧୁରୀ ଶରତ ଚନ୍ଦ୍ର ଦାସ, ସୁକାନ୍ତ କିଶୋର ମହାନ୍ତି, କିଶୋର ଚନ୍ଦ୍ର ମହାନ୍ତି, ଇଂ. ପ୍ରତାପ ସ୍ୱାଇଁ ଓ ଦୀପକ ରାଜ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏଥିରେ ଡା. ନିତ୍ୟାନନ୍ଦ ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ନିରଞ୍ଜନ ପାତ୍ର ବିବରଣୀ ପାଠ ଓ ଯୁଗ୍ମ ସମ୍ପାଦକ କବିତା ପାଟ୍ଟଶାଣୀ ଧନ୍ୟବାଦ ଦେଇଥିଲେ।

# ବସ୍ତି ଉଚ୍ଛେଦ ବନ୍ଦ ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

**କଟକ ଅଫିସ, ୧୫।୩**


କଟେରିଗଡ଼ା ରାସ୍ତା ପାର୍ଶ୍ୱରେ ଧାରଣା ଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

**■ ବସ୍ତି ଉଚ୍ଛେଦ ହେଲେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବନ୍ଦ ହେବ**

ପରୀକ୍ଷା ସମୟରେ ବସ୍ତି ଉଚ୍ଛେଦ ବନ୍ଦ ରଖିବା ଦାବି ନେଇ ସହରର ତାଳଦଣ୍ଡା କେନାଲ ପାର୍ଶ୍ୱ ବସ୍ତି ଅଞ୍ଚଳର ଛାତ୍ରୀଛାତ୍ରମାନେ କଟେରିଗଡ଼ା ରାସ୍ତା ପାର୍ଶ୍ୱରେ ସୋମବାର ଧାରଣାରେ ବସିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ତାଳଦଣ୍ଡା କେନାଲ ପାର୍ଶ୍ୱ ବସ୍ତିଗୁଡିକୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମାତ୍ର ବସ୍ତିବାସିନ୍ଦାଙ୍କ ପାଇଁ ଉପଯୁକ୍ତ ଥଇଥାନର ବ୍ୟବସ୍ଥା କରାଯାଇନାହିଁ। ଏହି ବସ୍ତିଗୁଡିକ ଉଚ୍ଛେଦ କରାଗଲେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠପଢାରେ ଡୋରି ବାନ୍ଧିବେ। ଉକ୍ତ ଅଞ୍ଚଳର ପିଲାମାନେ ରାଣୀହାଟ ସ୍କୁଲ, ରେଲୱେ ସେଟେଲମେଣ୍ଟ ସ୍କୁଲ, ବଳଭଦ୍ରପୁର(ଛତ୍ର ବଜାର) ସ୍କୁଲରେ ପାଠ ପଢୁଛନ୍ତି। ଏହାବ୍ୟତୀତ କେତେକ ପିଲା ସ୍ଥାନୀୟ କଲେଜକୁ ପାଠ ପଢିବାକୁ ଯାଉଛନ୍ତି। ଯେଉଁ ସ୍ଥାନକୁ ଏହିସବୁ ବସ୍ତିକୁ ନିଆଯିବା କଥା କୁହାଯାଉଛି ସେଠାରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ବହୁ ଦୂରରେ ଅବସ୍ଥିତ। ଫଳରେ ଆଗାମୀ ଦିନରେ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରମାନେ ସକାଳ ୭ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ଅସମ୍ଭବ ହୋଇପଡିବ। ଏଥିସହ ଯୁକ୍ତ ୨, ଯୁକ୍ତ ୩ ଓ ଅନ୍ୟ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରମାନେ ବହୁ ସମସ୍ୟାର ସମ୍ମୁଖୀନ ହେବେ। ଏଣୁ ପାଠପଢାର ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ତଥା ପରୀକ୍ଷା ସମୟରେ ବସ୍ତି ଉଚ୍ଛେଦ ବନ୍ଦ ରଖିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଛାତ୍ରନେତା ଭାଗ୍ୟରବି ଦାସ, ଶୁଭସ୍ମିତା ସାହୁ, ଜ୍ୟୋସ୍ନାରାଣୀ ଦାସ ଓ ସରୋଜ ମାନସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ୨ ଝୁଲନ୍ତା ମୃତଦେହ ଜବତ

**କଣ୍ଟାପଡା/ବଡ଼ମ୍ବା, ୧୫।୩(ଡି.ଏନ୍.ଏ.)**

ଓଲଟପୁର ଥାନା ଅନ୍ତର୍ଗତ ଅଡଶପୁର ଗ୍ରାମର ଏକ ଘର ଭିତରେ ଥିବା ଫ୍ୟାନ୍‌ରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ସୋମବାର ସନ୍ଧ୍ୟାରେ ଜବତ କରାଯାଇଛି। ସେ ହେଲେ ଅଡ଼ଶପୁର ଗ୍ରାମର ଲିନା ପ୍ରଧାନ(୪୫)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମିଳିଥିବା ସୂଚନା ଅନୁଯାୟୀ, ଲିନାଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିବା ପରିବାର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା(ନଂ.୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ବଡ଼ମ୍ବା ଥାନା ଅନ୍ତର୍ଗତ ମହୁଲିଆ ପେଟ୍ରୋଲ ପମ୍ପ ନିକଟ ଏକ ଆମ୍ବ ଗଛରୁ ସୋମବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଝୁମ୍ପାପଡ଼ା ଗ୍ରାମର ମନୋଜ ସେଠି (୫୩)। ସେ ତାମିଲନାଡୁସ୍ଥିତ ଏକ ଘରୋଇ ନଳକୂପ କମ୍ପାନୀରେ ଟ୍ରକ୍ ଚାଳକ ଭାବେ କାର୍ଯ୍ୟ କରନ୍ତି। କିଛିଦିନ ହେବ କମ୍ପାନୀ କାର୍ଯ୍ୟରେ ବଡ଼ମ୍ବା ଆସିଥିଲେ। ଆମ୍ବଗଛରେ ମନୋଜଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ମାଣିଆବନ୍ଧ ଫାଣ୍ଡି ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ପ୍ରଭାକର ରାଉତ ଓ ବଡ଼ମ୍ବା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ.୩/୨୧) ରୁଜୁ କରିଛି। ଏନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ବୋଲି ଫାଣ୍ଡି ଅଧିକାରୀ ରାଉତ କହିଛନ୍ତି।

# ଚନ୍ଦନ ପୋଖରୀରୁ ମୃତଦେହ ଜବତ

**କଟକ ଅଫିସ, ୧୫।୩**

କଟକ ଚୌଧୁରୀବଜାରସ୍ଥିତ ଚନ୍ଦନ ପୋଖରୀରୁ ସୋମବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୁରୀଘାଟ ଥାନା ପୋଲିସ ଜବତ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ହଜାରି ଗଳିରେ ରହୁଥିବା ରାଜେନ୍ଦ୍ର କୁମାର ଶର୍ମା(୪୭)। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୯/୨୧) ରୁଜୁ କରିଛି। ପୁରୀଘାଟ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁଙ୍କ ସୂଚନା ଅନୁଯାୟୀ, ରାଜେନ୍ଦ୍ର ଏଲ୍‌ଆଇସି, ସାହାରା, ପୋଷ୍ଟାଲ ଆଦିରେ ଏଜେଣ୍ଟ ଭାବେ କାମ କରୁଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରିଛି ତାହାକୁ ନେଇ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ତାଙ୍କ ଭାଇ ଦିନେଶ କହିଛନ୍ତି, ରାଜେନ୍ଦ୍ରଙ୍କର ସାମାନ୍ୟ ମାନସିକ ବିକୃତି ରହିଥିଲା। ଚିକିତ୍ସା କରାଯିବାରୁ ସେ ସୁସ୍ଥ ହୋଇଥିଲେ ଓ ନିୟମିତ ଔଷଧ ଖାଉଥିଲେ। କିପରି ଭାବେ ଏଭଳି ଘଟଣା ଘଟିଲା ତାହା ତଦନ୍ତ କଲେ ଜଣାପଡିବ।

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନରେ ଆସୁଥିବା ଏହି ପୋଖରୀରେ ପ୍ରତିବର୍ଷ ବୁଡିଯାଇ ୨ରୁ ୪ ଜଣଙ୍କ ମୃତ୍ୟୁ ଘଟୁଛି। ସନ୍ଧ୍ୟାହେଲେ ଏହି ପୋଖରୀ ନିକଟରେ ନିଶାସକ୍ତ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ହେଲେ ଏହାକୁ ରୋକିବା ପାଇଁ ସିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ସୋମବାର ଏଭଳି ଘଟଣା ଦେଖିବାକୁ ମିଳିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ପାଲା ମାଧ୍ୟମରେ ଜଙ୍ଗଲ ସୁରକ୍ଷା ସଚେତନତା

**ଖୁଣ୍ଟୁଣୀ, ୧୫।୩(ଡି.ଏନ୍.ଏ.)**

ଖୁଣ୍ଟୁଣୀ ବନାଞ୍ଚଳର ବିଭିନ୍ନ ଜଙ୍ଗଲରେ ଗତ ୧ ମାସ ମଧ୍ୟରେ ନିଆଁ ଲାଗି ବହୁ ମୂଲ୍ୟବାନ ଗଛ ପୋଡିଯାଇଛି। ଏଥିସହ ଅନେକ ବନ୍ୟଜନ୍ତୁଙ୍କ ଶିକାରୀଙ୍କ ହାତରେ ମୃତ୍ୟୁ ଘଟିଛି। ଏହାର ହିସାବ ଜଙ୍ଗଲ ବିଭାଗ ପାଖରେ ନାହିଁ। ହେଲେ ଏବେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଓ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଆଠଗଡ଼ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ନିର୍ଦ୍ଦେଶରେ ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଗୁରୁଡ଼ିଝାଟିଆ, ପାର୍ବତୀପୁର, ଖୁଣ୍ଟୁଣୀ, ଭଗୁଆ, ଓରଦା, ସାଉରିଆ, କୃଷ୍ଣପୁର, ରାହାଙ୍ଗୁଳ, କଂସର, ସଡକସାହି, ଗୋବରା, କୋଲଥପଙ୍ଗି, ବଳୀପୁର, ଡବାଗାଡିଆ ଗ୍ରାମରେ ସୋମବାର ପାଲା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଇଛି। ପାଲା ମାଧ୍ୟମରେ ଏହି ଜଙ୍ଗଲ ଆପଣମାନଙ୍କର, ଜଙ୍ଗଲକୁ ସୁରକ୍ଷିତ ରଖିବା ସମସ୍ତଙ୍କ କର୍ତ୍ତବ୍ୟ, ଜଙ୍ଗଲ ରହିଲେ ଆମେ ଓ ପଶୁପକ୍ଷୀ ସୁରକ୍ଷିତ ରହିବେ ବୋଲି କଳାକାରମାନେ ସଚେତନ କରିଥିଲେ। ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁର, ଫରେଷ୍ଟର ରାକେଶ ଦଳେଇ, ଅକ୍ଷୟ ନାୟକ, ରମାକାନ୍ତ ବଳବନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ୧ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିବ ବୋଲି ମାଥୁର କହିଛନ୍ତି।

## ଟିପ୍ପ ବୋଝେଇ ଗାଡ଼ି ଜବତ

**ବାଙ୍କୀ,୧୫।୩(ବି.ପ୍ର.)**

ଡମପଡା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୋମବାର ବାଆଁରା ଗ୍ରାମରୁ ଗୋଟିଏ ଟିପ୍ପ ବୋଝେଇ ହାଇୱା ଏବଂ ଜାତମୁଣ୍ଡିଆରୁ ଟିପ୍ପ ବୋଝେଇ ଟିପ୍ପର ଜବତ କରାଯାଇଛି। ଉଭୟ ଗାଡ଼ିର ଅନୁମତିପତ୍ର ଠିକ୍ ନ ଥିବାରୁ ଜରିମାନା ବାବଦରେ ୨୦ ହଜାର ଲେଖାଏ ଟଙ୍କା ଆଦାୟ କରାଯାଇଛି। ଚଢ଼ାଉରେ ଡମପଡା ତହସିଲଦାର କ୍ଷୀତିଶ ବେହେରା, ବିରଞ୍ଚି ନାରାୟଣ ପାତ୍ର, ଦେବାଶିଷ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ ।



କଟକ ଶାରଳା ଭବନରେ ଅନୁଷ୍ଠିତ ଦ୍ୱାଦଶ କଟକ ମହୋତ୍ସବର ସୋମବାର ଉଦ୍‌ଯାପନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥିଙ୍କ ଗହଣରେ ପୁରସ୍କୃତ କଳାକାରମାନେ।

# ୮୪୩ ଜଣଙ୍କୁ କୋଭିଡ୍ ଟିକା

**ଖୁଣ୍ଟୁଣୀ/ବାଙ୍କୀ/ଟିଗିରିଆ, ୧୫।୩ (ବି.ପ୍ର./ଡି.ଏନ୍.ଏ.)**

ଖୁଣ୍ଟୁଣୀ ସରକାରୀ ଡାକ୍ତରଖାନାରେ ସୋମବାର ୧୭୧ ଜଣ ବରିଷ୍ଠ ନାଗରିକଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯାଇଛି। ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ଦିଲ୍ଲୀପ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁଧାଂଶୁ ପ୍ରିୟଦର୍ଶନୀ ଭୂୟାଁ ଟିକା ପ୍ରଦାନ କରିଥିଲେ। ଏହି ଟିକା ନେଇଥିବା ବ୍ୟକ୍ତି ୨୮ ଦିନ ପରେ ଦ୍ୱିତୀୟ ଡୋଜ୍ ନେବେ। ଡାକବାଜି ଯନ୍ତ୍ରରେ ଏ ସମ୍ପର୍କରେ ଲୋକଙ୍କୁ ଜଣାଇ ଦିଆଯିବ ବୋଲି ଡା. ଦାସ କହିଛନ୍ତି। ତେବେ ଭିଡ଼କୁ ଦୃଷ୍ଟିରେ ରଖି ଆସନ୍ତା ସପ୍ତାହଠାରୁ ପ୍ରତି ବୁଧବାର ଓ ଶନିବାର ଟିକା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ବାଙ୍କୀ-ଡମପଡା ବ୍ଲକର ଡମପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଧୀକ୍ଷକ ବିଶ୍ୱଜିତ୍ ପଣ୍ଡାଙ୍କ ତତ୍ତ୍ୱାବଧାନରେ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୩୩ ବରିଷ୍ଠ ନାଗରିକ ଏବଂ ୧୦ ସମ୍ମୁଖ ଯୋଦ୍ଧାଙ୍କୁ ମିଶାଇ ମୋଟ୍ ୨୪୩ ଜଣଙ୍କୁ ଟିକା ଦିଆଯାଇଛି।

ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୧୦୮ଜଣ ବରିଷ୍ଠ ନାଗରିକଙ୍କୁ କୋଭିଡ୍ ଟିକା ଦିଆଯାଇଛି। ଏହାଛଡ଼ା ଟିଗିରିଆ ବ୍ଲକର ଟିଗିରିଆ ଓ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ନୂଆପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଟିକା ଦିଆଯାଇଛି। ଟିଗିରିଆରେ୧୪୬, ବିନ୍ଧାଣିମାରେ ୧୦୩ ଓ ନୂଆପାଟଣାରେ ୭୨ ଜଣ ବରିଷ୍ଠ ନାଗରିକଙ୍କୁ କୋଭିଡ୍ ଟିକା ଦିଆଯାଇଛି। ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧୀକ୍ଷକ ଡାକ୍ତର ବିଶ୍ୱ ବିକାଶ ରାଉତରାୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ୨୦ରେ ଭାଜପାର ବିଧାନସଭା ଘେରାଉ

**ନିଶ୍ଚିନ୍ତକୋଇଲି, ୧୫।୩(ସ୍ୱ.ପ୍ର.)**

ମାହାଙ୍ଗା ଡବଲମର୍ଡର ଘଟଣାର ଅନ୍ୟତମ ଅଭିଯୁକ୍ତ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କୁ ଗିରଫ କରିବା ବଦଳରେ ପୋଲିସ ସୁରକ୍ଷା ଯୋଗାଇ ଦେଉଛି ବୋଲି ମାହାଙ୍ଗା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ କଲ୍ୟାଣୀ ମଣ୍ଡପରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ମାର୍ଚ୍ଚ ୨୦ରେ ବିଧାନସଭା ଘେରାଉ କରିବାକୁ ଚେତାବନୀ ଦିଆଯାଇଛି। ଭାଜପା ନେତା ଶାରଦା ପ୍ରଧାନ ସମ୍ମିଳନୀରେ ଯୋଗଦେଇ କହିଛନ୍ତି, ମାହାଙ୍ଗା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟ ସିଂ ବରାଳଙ୍କୁ ବିଭତ୍ସଭାବେ ହତ୍ୟା କରାଯାଇଥିଲା। ଏଥିରେ ମନ୍ତ୍ରୀ ଜେନା ଅଭିଯୁକ୍ତ ଥିଲେ ମଧ୍ୟ ପୋଲିସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ପ୍ରତିବାଦରେ ଆଗାମୀ ୧୭ରୁ ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ପଞ୍ଚାୟତର କୁଳିଆ ମଠରୁ ଭାଜପା ପକ୍ଷରୁ ପଦଯାତ୍ରା କରାଯିବ। ପଦଯାତ୍ରା ଭୁବନେଶ୍ୱରରେ ପହଞ୍ଚିବା ପରେ ବିଧାନସଭା ଘେରାଉ କରାଯିବ।

# ଜିଲାପାଳଙ୍କ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

**ଟିଗିରିଆ, ୧୫।୩(ଡି.ଏନ୍.ଏ.)**

କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ସୋମବାର ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଆସି ଏହାର ଭିତ୍ତିଭୂମି ବୁଲି ଦେଖିଛନ୍ତି। ସେ ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହ, ପାଠାଗାର, କ୍ରୀଡ଼ା ସରଞ୍ଜାମ, ଆଇସିଟି ଲ୍ୟାବ, ବିଜ୍ଞାନ ପରୀକ୍ଷାଗାର ଆଦି ଅନୁଧ୍ୟାନ କରିଛନ୍ତି। ଶୌଚାଳୟ ଓ ଜଳ ଯୋଗାଣ ବ୍ୟବସ୍ଥା ଠିକ୍ ନଥିବାରୁ ଅସନ୍ତୋଷବ୍ୟକ୍ତ କରିଥିଲେ। ତୁରନ୍ତ ଏହାକୁ ମରାମତି କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମିଶନ ଜିରୋ-ଏଫ-ପ୍ଲସକୁ ସଫଳ କରିବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର, ଆଠଗଡ଼ ଉପଜିଲାପାଳ ଅଜାମ୍ବର ମହାନ୍ତି, ଜିଲା ଶିକ୍ଷାଧିକାରୀ ସୁସ୍ମିତା ସାହୁ, ଟିଗିରିଆ ତହସିଲଦାର ପ୍ରମୋଦ କୁମାର ବାସ୍କେ, ବିଡିଓ ଦିପ୍ତୀମୟୀ ବେହେରା, ସହକାରୀ ଶିକ୍ଷାଧିକାରୀ ରସାନନ୍ଦ ଲେଙ୍କା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବ୍ୟାଙ୍କ ସମ୍ମୁଖରେ କର୍ମଚାରୀଙ୍କ ବିକ୍ଷୋଭ



କଚେରି ରୋଡ୍‌ସ୍ଥିତ ଏସ୍‌ବିଆଇ ମୁଖ୍ୟ କଟକ ଶାଖା ସମ୍ମୁଖରେ ବ୍ୟାଙ୍କ କର୍ମଚାରୀଙ୍କ ବିକ୍ଷୋଭ।

**କଟକ ଅଫିସ, ୧୫।୩**

ୟୁନାଇଟେଡ୍ ଫୋରମ ଅଫ ବ୍ୟାଙ୍କ ୟୁନିୟନ୍ସ ପକ୍ଷରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଘରୋଇକରଣ ବିରୋଧରେ ଦେଶବ୍ୟାପୀ ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ ସୋମବାରଠାରୁ ଆରମ୍ଭ ହୋଇଛି। ଏହାକୁ ସମର୍ଥନ କରି କଚେରି ରୋଡସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ କଟକ ଶାଖା ସମେତ ଅନ୍ୟ ବ୍ୟାଙ୍କର କର୍ମଚାରୀମାନେ ଶାଖା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ବ୍ୟାଙ୍କର ସମସ୍ତ କାର୍ଯ୍ୟ ବନ୍ଦ ରହିଥିଲା। କେନ୍ଦ୍ର ସରକାରଙ୍କ ରାଷ୍ଟ୍ର ବିରୋଧୀ ପଦକ୍ଷେପ ଦ୍ୱାରା ବ୍ୟାଙ୍କ ଶିଳ୍ପର କ୍ଷତି ଘଟିବ। ଏହି ନିଷ୍ପତ୍ତି କେବଳ ପୁଞ୍ଜିପତିମାନଙ୍କୁ ସୁହାଇବ। ଅନ୍ୟପକ୍ଷରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥାଗୁଡ଼ିକର ମଧ୍ୟ କ୍ଷତି ଘଟିବ। ଗ୍ରାହକମାନେ ସେବା ପାଇବା ପାଇଁ ଅଧିକ ପରିମାଣର ଦେୟ ଦେବାକୁ ବାଧ୍ୟ ହେବେ ବୋଲି ବ୍ୟାଙ୍କ କର୍ମଚାରୀମାନେ କହିଛନ୍ତି। ଏହି ଧର୍ମଘଟରେ ବ୍ୟାଙ୍କ କର୍ମଚାରୀ ଉପେନ୍ଦ୍ର ଦାଶ, ଜ୍ୟୋତି ଭୂଷଣ ମହାପାତ୍ର, ଅନ୍ନଦା ଶଙ୍କର ଜେନା, ହରିବନ୍ଧୁ ମହାନ୍ତି, ରାଜେଶ ଦାଶ, ପ୍ରଶାନ୍ତ ସାସମଲ, ବିଜୟ ମହାପାତ୍ର, ଶୁଭେନ୍ଦୁ ତରାଇ ଓ ସଞ୍ଜୟ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ୧୬୨ କିଲୋ ଗଞ୍ଜେଇ ଜବତ : ଜଣେ ଗିରଫ

**କଟକ ଅଫିସ, ୧୫।୩**

କଟକ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ସୋମବାର ସକାଳ ସାଢେ ୫ଟାରେ ଗୋପାଳପୁର ଛକରେ ଚଢାଉ କରାଯାଇ ଏକ କାର(ଓଡି୦୨ୟୁ-୩୪୩୫)ରୁ ୧୬୨ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଗଞ୍ଜାମ ଧରାକୋଟ ଅଞ୍ଚଳର ବୁଲୁ ପ୍ରଧାନ(୪୧)ଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି କାର୍‌ରେ ଗଞ୍ଜେଇ ବୋଝେଇ ହୋଇ ଧରାକୋଟ୍‌ରୁ ବାଲେଶ୍ୱର ଅଭିମୁଖେ ଯାଉଥିଲା। କୌଣସି ସୂତ୍ରରୁ ଖବରପାଇ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ଚଢ଼ାଉ କରି ଉକ୍ତ କାରକୁ ଯାଞ୍ଚ କରିଥିଲା। ଯାଞ୍ଚବେଳେ ୬ଟି ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସିଦ୍ଧେଶ୍ୱର ବେଶ୍ରା, ଆଇଆଇସି ସୁଶାନ୍ତ କୁମାର ପାଢ଼ୀ, ଉମାକାନ୍ତ ସ୍ୱାଇଁ, ମନୋଜ ପରିଡା, ଏସ୍‌ଆଇ ସଚ୍ଚିନ ବେହେରା, ମନିଷା ଭୋଳ, ଏଏସ୍‌ଆଇ ନଟବର ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ଭେଣ୍ଡିଂ ଜୋନ୍ ବଣ୍ଟନରେ ଅନିୟମିତତାକୁ ବିରୋଧ

**ଉଠାଦୋକାନୀ ମହାସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ**

**କଟକ ଅଫିସ, ୧୫।୩**

ଭେଣ୍ଡିଂଜୋନ୍ ବଣ୍ଟନରେ ଅନିୟମିତତାକୁ ବିରୋଧ କରାଯାଇ ଉଠାଦୋକାନୀ ମହାସଂଘ ପକ୍ଷରୁ ସୋମବାର ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଓ କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି, ୨୦୧୭ରେ ସରକାରୀ ସର୍ଭେ ହୋଇଥିବା ଉଠାଦୋକାନୀମାନଙ୍କୁ ଭେଣ୍ଡିଂଜୋନ୍‌ରେ ସ୍ଥାନ ଦିଆଯାଇଛି। ଦୀର୍ଘଦିନର ବ୍ୟବଧାନ ହେତୁ ଏହି ଦୋକାନୀମାନେ ଭେଣ୍ଡିଂଜୋନ୍‌ର ପ୍ରକୃତ ହିତାଧିକାରୀ ନୁହନ୍ତି। ପ୍ରିୟାପ୍ରୀତି ଆଧାରରେ ଭେଣ୍ଡିଂଜୋନ୍‌ଗୁଡିକ ବଣ୍ଟନ କରାଯାଉଛି। ମହାସଂଘ ସଭାପତି ସୁରେଶ ମହାନ୍ତି କହିଛନ୍ତି, ୨୦୧୯-୨୦ବର୍ଷକୁ ଆଧାର କରି ସର୍ଭେ କରାଯାଉ। ପ୍ରକୃତ ହିତାଧିକାରୀଙ୍କୁ ଭେଣ୍ଡିଂଜୋନ୍ ପ୍ରଦାନ କରାଯାଉ। ନ ହେଲେ ଉଠାଦୋକାନୀ ମହାସଂଘ ଏହାକୁ ବିରୋଧ କରିବ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ମନୋଜ ସାହୁ, ପ୍ରଭାସ କୁମାର ସାହୁ, ବାପୁଜୀ କର, ରତ୍ନାକର ସାହୁ, ରାକେଶ ବସ୍ତିଆ, ସଞ୍ଜୀବ ଶୁକ୍ଲା, ହେମନ୍ତ ଦାସ, ଦୀପକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭେଣ୍ଡିଂ ଜୋନ୍ ଦୋକାନ ଆବଣ୍ଟନ ପତ୍ର ପାଇଲେ ୧୦୬ ଉଠାଦୋକାନୀ

**କଟକ ଅଫିସ, ୧୫।୩**


ମନ୍ତ୍ରୀ ପ୍ରତାପ ଜେନା ଜଣେ ଉଠା ଦୋକାନୀଙ୍କୁ ଭେଣ୍ଡିଂଜୋନ୍ ଦୋକାନ ଆବଣ୍ଟନ ପତ୍ର ପ୍ରଦାନ କରୁଛନ୍ତି।

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସୋମବାର କଟକ ସହରାଞ୍ଚଳ ଉଠାଦୋକାନୀମାନଙ୍କୁ ଭେଣ୍ଡିଂ ଜୋନ୍ ଦୋକାନ ଆବଣ୍ଟନ ପତ୍ର ପ୍ରଦାନ କରାଯାଇଛି। କଟକ ସହିଦ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଦୋକାନୀମାନଙ୍କୁ ଆବଣ୍ଟନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଥିଲେ, କଟକ ସହରାଞ୍ଚଳର ଉନ୍ନତି ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି। ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା, ତାଳଦଣ୍ଡା କେନାଲ ସମ୍ପ୍ରସାରଣ, ବସ୍ତିବାସିନ୍ଦାଙ୍କୁ ଥଇଥାନ, ବକ୍ସଡ୍ରେନ ନିର୍ମାଣ, ବାଲିଯାତ୍ରା ହାଡ଼ିଆ ପଠାଠାରେ ବିଭିନ୍ନ କାର୍ଯ୍ୟ କରାଯିବା ସମ୍ପର୍କରେ ମନ୍ତ୍ରୀ ଜେନା ସୂଚନା ଦେଇଥିଲେ। ଏଥିରେ ସିଏମ୍‌ସି କମିଶନର ଅନନ୍ୟା ଦାସ ଯୋଗଦେଇ କହିଥିଲେ, ସହରର ୫ଟି ସ୍ଥାନରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଛି। ସେଠାରେ ୧୬୦ଟି କ୍ୟାବିନ ଘର ନିର୍ମାଣ ହୋଇଥିବାବେଳେ ସେଥିମଧ୍ୟରୁ ୧୦୬ଟି ଘର ଉଠାଦୋକାନୀଙ୍କୁ ସୋମବାର ବଣ୍ଟନ କରାଯାଇଛି। ଆଗାମୀ ଦିନରେ ଅଧିକ ଭେଣ୍ଡିଂ ଜୋନ୍ କରାଯିବା ପାଇଁ ଜାଗା ନିରୂପଣ କାର୍ଯ୍ୟ ଚାଲୁ ରହିଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଧାୟକ ଚନ୍ଦ୍ରସାରଥି ବେହେରା, ଇଂ. ମହମ୍ମଦ ମୋକିମ ଓ ସୌଭିକ୍ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଯୁଗ୍ମ କମିଶନର ମନୋରଞ୍ଜନ ମହାପାତ୍ରଙ୍କ ସମେତ ସିଏମ୍‌ସି ଅଧିକାରୀମାନେ ଉପସ୍ଥିତ ଥିଲେ। ସୁମିତ୍ରା ସରକାର ଧନ୍ୟବାଦ ଦେଇଥିଲେ।

## କୃଷକ କଲ୍ୟାଣ ପୁସ୍ତକ ପ୍ରଦାନ

**ଜଟଣୀ,(ଡି.ଏନ.ଏ.):** କେନ୍ଦ୍ର ସରକାର କୃଷି ଏବଂ କୃଷକଙ୍କ ଉନ୍ନତି ପାଇଁ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ବଳିତ 'ଅନ୍ନଦାତାଙ୍କ ପ୍ରତି ସମର୍ପିତ ମୋଦି ସରକାର' ପୁସ୍ତକ ପ୍ରକାଶ ପାଇଛି। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଉକ୍ତ ପୁସ୍ତକର ମୂଳ ଉଦ୍ଦେଶ୍ୟ ଜନ ସଚେତନତା ସୃଷ୍ଟି କରିବ ବୋଲି ସୁଦୀପ୍ତ ରାୟ କହିଛନ୍ତି। ଶୁକ୍ରବାର ଜଟଣୀସ୍ଥିତ ପାତ୍ରପଡ଼ାଠାରେ ଖବରଦାତା ରବୀନ୍ଦ୍ରନାଥ ମହାକୁଡ଼ଙ୍କୁ ଉକ୍ତ ପୁସ୍ତକ ପ୍ରଦାନ ଅବସରରେ ପୂର୍ବତନ ଖୋର୍ଦ୍ଧା ଜିଲା ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ପ୍ରଶାନ୍ତ ପ୍ରଧାନ, ଭାଜପା ନଗର ସଭାପତି ତିରୁପତି ଶତପଥୀ ଏବଂ ଭାଜପା ସଙ୍ଗଠକ ପ୍ରଦୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବସ୍ ଚଳାଚଳ ସମୟକୁ କେନ୍ଦ୍ରକରି ମାରପିଟ

**ନିରାକାରପୁର,୧୫।୩(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ୧୬ନଂ. ଜାତୀୟ ରାଜପଥ ଚମ୍ପାଗଡ଼ ନିକଟରେ ସୋମବାର ବାଲୁଗାଁ ପଟୁ ଭୁବନେଶ୍ୱର ଯାଉଥିବା ଦୁଇଟି ଘରୋଇ ବସ ମଧ୍ୟରେ ଯାତାୟାତ ସମୟକୁ କେନ୍ଦ୍ରକରି ମାରପିଟ୍ ହୋଇଛି। ଏଥିରେ ଗୁରୁତର ଜଣେ ହେଲପର ଓ କଣ୍ଡକ୍ଟରଙ୍କୁ ଚିକିତ୍ସା ପାଇଁ ଚାନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ଚାନ୍ଦପୁର ପୋଲିସ ପହଞ୍ଚି ଦୁଇଟି ବସକୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୋମବାର ୮ଟାରେ ଦୁଇଟି ଘରୋଇ ବସ ଆଗ ପଛ ହୋଇ ବାଲୁଗାଁରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ବାଟରୁ ଯାତ୍ରୀ ଉଠାଇବା ଯାତାୟାତ ସମୟକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡୋଗଳ ହୋଇଥିଲା।

### ଫେରାର ୨୩ ଅଭିଯୁକ୍ତ କୋର୍ଟଚାଲାଣ

**ବାଲୁଗାଁ,୧୫।୩(ଡି.ଏନ୍.ଏ.):** ବାଲୁଗାଁ ପୋଲିସ ଏକ ସପ୍ତାହ ମଧ୍ୟରେ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ୨୩ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ପୋଲିସ ମହାନିର୍ଦ୍ଦେଶକ ଚଳିତ ମାସ ୭ରୁ ୧୪ ତାରିଖ ମଧ୍ୟରେ ଫେରାର ଅଭିଯୁକ୍ତଙ୍କୁ ଗିରଫ ପାଇଁ 'ସ୍ୱତନ୍ତ୍ର ୱାରେଣ୍ଟି ଡ୍ରାଇଭ୍' ମାଧ୍ୟମରେ ପଦକ୍ଷେପ ଗ୍ରହଣ ପାଇଁ ସମସ୍ତ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଥାନା ଆଇଆଇସି ରମାକାନ୍ତ ମହାଲିକ୍ ସଦଳବଳ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୩ ଜଣଙ୍କୁ ଗିରଫ କରିଥିବା ବେଳେ ବହୁ ଅଭିଯୁକ୍ତ ଅନ୍ୟ ରାଜ୍ୟକୁ ପଳାଇଥିବା ଜଣାପଡ଼ିଛି।

### ୨ ବଖରା ଜଳିଗଲା

**ଖୋର୍ଦ୍ଧା ଅଫିସ,୧୫।୩:** ଖୋର୍ଦ୍ଧା ବ୍ଲକ ବିଙ୍କୁଡିଆ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ୨ବଖରା ଜଳିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ କାରଣ ଅସ୍ପଷ୍ଟ ରହିଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନି ବିପନ୍ନ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।

### ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ନିରାକାରପୁର,୧୫।୩(ଡି.ଏନ୍.ଏ.):** ଚଳିତବର୍ଷ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରସାଦ ଶ୍ରୀଚନ୍ଦନ, ଦୀକ୍ଷିତା ସାମନ୍ତ, ସ୍ମୃତି ସଙ୍ଗୀତା ବେହେରା କୃତିତ୍ୱ ଅର୍ଜନ କରିଛନ୍ତି। ସେହିପରି ଅଷ୍ଟମ ଶ୍ରେଣୀର ଆଶୁତୋଷ ମିଶ୍ର, ବିଶ୍ୱଦର୍ଶିନୀ ମିଶ୍ର ଜାତୀୟ ଗ୍ରାମୀଣ ମେଧା ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ଏବଂ ସମସ୍ତ ଗୁରୁଜୀ ଗୁରୁମା' କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ପରିଚାଳନା କମିଟି ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ସମସ୍ତ ଗୁରୁଜୀ ଗୁରୁମା'ଙ୍କୁ ଧନ୍ୟବାଦ ଜଣାଇବା ସହ ଛାତ୍ରୀଛାତ୍ରଙ୍କ ଉନ୍ନତି କାମନା କରିଛନ୍ତି।

# ଜମି ବିବାଦ: ଆଗଉନି ପାଇକ ସ୍ମାରକୀ ନିର୍ମାଣ

**ଖୋର୍ଦ୍ଧା ଅଫିସ,୧୫।୩**


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କଳିଙ୍ଗ ପାଇକ ସଙ୍ଗଠନର କର୍ମକର୍ତ୍ତା।

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳିଙ୍ଗ ପାଇକ ସଙ୍ଗଠନର ଦାବିପତ୍ର
- ଗଡ଼ଖୋର୍ଦ୍ଧା ଓ ଐତିହ୍ୟ କୀର୍ତ୍ତିରାଜି ପୁନରୁଦ୍ଧାର ହେଉ

ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ୨୦୧୯ ଡିସେମ୍ବର ୮ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାଇକ ସ୍ମାରକୀ ନିର୍ମାଣ ଲାଗି ଶିଳାନ୍ୟାସ କରିଥିଲେ। ଏଥିଲାଗି ରାଜ୍ୟ ସରକାର ୧୦ ଏକର ଜାଗା ଯୋଗାଇଦେବା ପାଇଁ ଘୋଷଣା କରିଥିଲେ। ତେବେ ଶିଳାନ୍ୟାସର ୧୫ମାସ ପରେ ବି ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ପ୍ରଥମେ ୧୦ଏକର ଜମିରୁ ଏକ ଘରୋଇ କଲେଜ ଏବଂ କମ୍ପାନୀ ଅକ୍ତିଆର କରି ରଖିଥିବା ନେଇ ବିଭିନ୍ନ ମହଲରେ ପ୍ରତିବାଦ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଏହାର ମାପଚୁପ କରାଯାଇଥିଲା। ପରବର୍ତ୍ତୀ ସମୟରେ ପ୍ରସ୍ତାବିତ ଜମିର କିଛି ଅଂଶ ବନ ବିଭାଗ ଅଧୀନରେ ରହିଥିବା ଜଣାପଡିଥିଲା। ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟରେ ବାଧକ ସାଜିଥିବା ଜମି ବିବାଦ ତୁରନ୍ତ ସମାଧାନ କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଏଥିରେ ଦର୍ଶାଯାଇଛି ଯେ, ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଲେ ଏହା ଜାତୀୟ ସ୍ତରରେ ପାଇକ ବୀରଙ୍କ ବୀରତ୍ୱଗାଥା ତଥା ଓଡ଼ିଶା ମାଟିର ଗୌରବ ବୃଦ୍ଧି ପାଇବ। ଖୋର୍ଦ୍ଧା ମାଟିରେ ବହୁ ପ୍ରାଚୀନ ଐତିହ୍ୟ କୀର୍ତ୍ତିରାଜି ଭରପୂର ହୋଇ ରହିଛି। ଗଡ଼ଖୋର୍ଦ୍ଧା ହେଉଛି ଏହାର ମୂକସାକ୍ଷୀ। ଖୋର୍ଦ୍ଧା ଗଡ଼ର ପୁନରୁଦ୍ଧାର କରାଗଲେ ଏହା ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବ। ଐତିହ୍ୟ କୀର୍ତ୍ତିରାଜିର ଅନ୍ୟତମ ପ୍ରମୁଖ ସ୍ଥାନ ହେଉଛି ବରୁଣେଇ ପାହାଡ଼। ଏହି ପାହାଡ଼ରେ ମା' ବରୁଣେଇ ଓ କରୁଣେଇଙ୍କ ଆସ୍ଥାନ ରହିଛି। ମା'ଙ୍କ ମହିମା ଏବଂ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଲେ ଏହି ଅଞ୍ଚଳର ଗୌରବ ବୃଦ୍ଧି ପାଇବ। ତେବେ ବରୁଣେଇ ପାହାଡ଼ ପାଦଦେଶ ଅଞ୍ଚଳରେ ବହୁ ଘରୋଇ କମ୍ପାନୀ, ଶିକ୍ଷାନୁଷ୍ଠାନ, ଶିଳ୍ପ ସଂସ୍ଥା ଗଢ଼ି ଉଠିଛି। ଅର୍ଦ୍ଧାଧିକ ଜମି ଜବରଦଖଲରେ ରହିଛି। ବହୁ ଘରୋଇ ସଂସ୍ଥାକୁ ସେମାନଙ୍କ ଆବଶ୍ୟକତାଠାରୁ ସରକାର ଅଧିକା ଜମି ପ୍ରଦାନ କରିଛନ୍ତି। ପାଇକ ସ୍ମାରକୀ ନିର୍ମାଣ ଲାଗି ସରକାର ୧୦ଏକର ଜାଗା ଦେଇ ପାରୁନାହାନ୍ତି। ସରକାର ପାଇକ ବୀର ବକ୍ସି ଜଗବନ୍ଧୁଙ୍କ ନାମରେ ଏକ ଜଳଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା ଲାଗି ବିଧାନସଭାରେ ଘୋଷଣା କରିଥିଲେ। ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ। ତୁରନ୍ତ ପ୍ରସ୍ତାବିତ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ଦାବି କରିଛନ୍ତି। ଭୀମସେନ ପ୍ରଧାନ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ସତ୍ୟବାଦୀ ବଳିଆରସିଂ, ଅମରେନ୍ଦ୍ର ମହାପାତ୍ର, ଗୋପାଳକୃଷ୍ଣ ଦାସ, ଶିଶିର ପରିଡା, ଗୁରୁଚରଣ ପଟ୍ଟନାୟକ, ଡ. ପ୍ରଫୁଲ୍ଲ ସାମନ୍ତରାୟ, ହରପ୍ରସାଦ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ମହାରଣା, ବିଜୟ ଛୋଟରାୟ, ବିକ୍ରମ କେଶରୀ ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ବୃତ୍ତ ଜାଳିଦେଲେ ଘର

**ଜଟଣୀ,୧୫।୩(ଡି.ଏନ୍.ଏ.)**

ଜଟଣୀ ଥାନା ଅନ୍ତର୍ଗତ ଲୋକକଲୋନୀ (ମାଣିଆ ଛକ) ନିକଟରେ ସୋମବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସରକାରୀ ଜାଗାରେ ଝାଟିମାଟି ଘର କରି ପରିବାର ସହିତ ରହୁଥିବା କାଲୁ ଦାସଙ୍କ ଘରେ କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଜଣାପଡିଛି। ଫଳରେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ମାଣିଆଛକ ନିକଟରେ ଥିବା ଏକ ସରକାରୀ ଜାଗାରେ ଝାଟିମାଟି ଘର କରି ଦୀର୍ଘ ୧୯ବର୍ଷ ଧରି କାଲୁ ଦାସ ପରିବାର ସହିତ ରହି ଆସୁଥିଲେ। ମାଣିଆଛକ ଦେଇ ଯାଉଥିବା ଲୋକଙ୍କ ଠାରୁ ଅସାମାଜିକ ଯୁବକମାନେ ଟଙ୍କା, ମୋବାଇଲ ଫୋନ ଛଡ଼ାଇ ନେଉଥିବା ସାଧାରଣରେ ଅଭିଯୋଗ ହୋଇଥିଲା। ଉକ୍ତ ସ୍ଥାନରେ ନିଶା କାରବାର ହେଉଥିବା ସନ୍ଦେହରେ କେତେଜଣ ବ୍ୟକ୍ତି ଅପରାହ୍ନରେ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା କାଲୁ କହିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# ରୋଗୀ କଲ୍ୟାଣ ସମିତି ବୈଠକ



ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୧୫।୩**

ହଳଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ର ରୋଗୀ କଲ୍ୟାଣ ସମିତି ବୈଠକ ସୋମବାର ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଅଧ୍ୟକ୍ଷତା କରିଥିଲେ। ୨୦୨୧-୨୨ ଆର୍ଥିକ ବର୍ଷର ବଜେଟ ଅନୁମୋଦନ ହୋଇଥିଲା। ମେଡିକାଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ରୋଗୀଙ୍କୁ ଉତ୍ତମ ସେବା ଯୋଗାଇଦେବା ଲାଗି ବିଧାୟକ ମିତ୍ର ପରାମର୍ଶ ଦେଇଥିଲେ। ମେଡିକାଲର ମୁଖ୍ୟ ଚିକିତ୍ସକ ଡା. ପରେଶ କୁମାର ଆଚାର୍ଯ୍ୟ, ଡା. ସୁଶ୍ରୀ ତ୍ରିପାଠୀ, ଡା. ସ୍ନିଗ୍ଧା ପଣ୍ଡା, ଡା. ପୂର୍ଣ୍ଣଚନ୍ଦ୍ର ପୃଷ୍ଟି, ସିଡିପିଓ ଏମ. ନାୟକ, ଭରତ ଚନ୍ଦ୍ର ପ୍ରଧାନ, ଇକ୍‌ବାଲ ଅହମ୍ମଦ, ବ୍ରଜଭୂଷଣ ଭଞ୍ଜ, ରବୀନ୍ଦ୍ର ପରମାଣିକ ପ୍ରମୁଖ ଉପସ୍ଥିତ ଥିଲେ।

# କୋଶଳାଶୁଣୀ ଶାଳ ଜଙ୍ଗଲରେ ନିଆଁ

- ୪ ଏକର ଜଳିଗଲା
- ମାସକରେ ଚାରି ଜଙ୍ଗଲରେ ଲାଗିଲାଣି ନିଆଁ

**ବୋଲଗଡ଼,୧୫।୩(ଡି.ଏନ୍.ଏ.)**


ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଆରିକିମା ପଞ୍ଚାୟତରେ ଥିବା କୋଶଳାଶୁଣୀ ଶାଳ ଜଙ୍ଗଲରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ପ୍ରାୟ ୪ ଏକର ପରିମିତ ଅଞ୍ଚଳରେ ଥିବା ବହୁ ଗଛଲତା ପୋଡ଼ିଯାଇଛି। ଖବରପାଇ ବୋଲଗଡ଼ ବନ ବିଭାଗ କର୍ମଚାରୀ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୀର୍ଘ ୪ ଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ମଧ୍ୟାହ୍ନରେ କୋଶଳାଶୁଣି ଶାଳ ଜଙ୍ଗଲରେ ନିଆଁ ଲାଗିଥିବା ଦେଖି ଗ୍ରାମବାସୀ ବୋଲଗଡ଼ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ଓ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଦୁଇ ଦିନ ପୂର୍ବେ ଏହି ଜଙ୍ଗଲରେ ନିଆଁ ଲାଗି ପ୍ରାୟ ୨ ଏକରରୁ ଊର୍ଦ୍ଧ୍ୱ ଜଙ୍ଗଲ ପୋଡ଼ି ନଷ୍ଟ ହୋଇଥିବା ଦେଖିବାକୁ ମିଳିଥିଲା। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିଲା। କୌଣସି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ଅନୁମାନ କରାଯାଉଛି। ବୋଲଗଡ଼ ବନପାଳ ଅଧୀନରେ ଥିବା ୬ଟି ଜଙ୍ଗଲରୁ ଏକ ମାସ ମଧ୍ୟରେ ୪ଟି ଜଙ୍ଗଲରେ ନିଆଁ ଲାଗିଥିବା ଜଣାପଡ଼ିଛି।

# ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

**ଖୋର୍ଦ୍ଧା ଅଫିସ,୧୫।୩**

ଖୋର୍ଦ୍ଧା ଆଦର୍ଶ ଥାନା କଂଟା ଛକସ୍ଥିତ ଏକ ବ୍ୟାଟେରି ଦୋକାନର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ବ୍ୟାଟେରି ଓ ବିଭିନ୍ନ ସାମଗ୍ରୀ ଚୋରି କରିନେଇଥିବା ସୋମବାର ଅଭିଯୋଗ ହୋଇଛି। ଦୋକାନ ମାଲିକ ଉମେଶ କୁମାର ଷଡ଼ଙ୍ଗୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (୧୦୯/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବିଡିଏ କଲୋନୀର ଉମେଶଙ୍କର କଂଟା ଛକରେ ପ୍ରଗତି ଟ୍ରେଡର୍ସ ନାମକ ଏକ ବ୍ୟାଟେରି ଓ ଇନ୍‌ଭର୍ଟର ଦୋକାନ ରହିଛି। ସବୁଦିନ ପରି ରବିବାର ରାତିରେ ଉମେଶ ଦୋକାନ ବନ୍ଦ କରି ଘରକୁ ଆସିଥିଲେ। ସୋମବାର ସକାଳ ୮ଟାରେ ଦୋକାନ କବାଟ ତାଲା ଭାଙ୍ଗିଥିବା ଏବଂ ୩ଟି ଇନ୍‌ଭର୍ଟର ବ୍ୟାଟେରି, ୨ଟି ଇନ୍‌ଭର୍ଟର, ଗୋଟିଏ ଗାଡି ବ୍ୟାଟେରି, ୪ଟି ମୋବିଲ ଭର୍ତ୍ତି ବାଲ୍‌ଟି ସମେତ ଅନ୍ୟାନ୍ୟ ସାମଗ୍ରୀ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

# ହାତୀ ଦେଖି ଦୌଡ଼ିବା ବେଳେ ୨ ଗୁରୁତର

**ନିରାକାରପୁର,୧୫।୩(ଡି.ଏନ୍.ଏ.)**


ମେଗା ଫୋନ ମାଧ୍ୟମରେ ସଚେତନ କରାଯାଉଛି।

ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳ ଡିଆ ପଞ୍ଚାୟତରେ ରବିବାର ହାତୀ ଦେଖି ଦୌଡ଼ିବା ବେଳେ ଦୁଇଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବାଲିଗାଁ ଗ୍ରାମର ଭାଗୀରଥି ପ୍ରଧାନ ଓ କାଶିପୁର ଗ୍ରାମର ସୁଜାତା ଦାଶ। ସୁଜାତା କୌଣସି କାରଣ ପାଇଁ ପୋଖରୀକୁ ଯାଇଥିବା ବେଳେ ହାତୀକୁ ଦେଖି ଦୌଡ଼ିବା ବେଳେ ପଡ଼ି ଆହତ ହୋଇଛନ୍ତି। ସେହିପରି ଭାଗୀରଥି ଶୌଚ ପାଇଁ ଯାଇଥିବା ବେଳେ ହାତୀ ଦେଖି ଦୌଡ଼ିବା ବେଳେ ଆହତ ହୋଇଛନ୍ତି। ଭୁଷଣ୍ଡପୁର ଫରେଷ୍ଟର ସିଧୁ ଚରଣ ସିଂ କହୁନ୍ତି, ମେଗା ଫୋନରେ ସଚେତନନ କରାଯାଉଥିଲେ ମଧ୍ୟ ଲୋକେ ସଚେତନାତା ହେଉନାହାନ୍ତି। ଦୁଇ ଆହତଙ୍କୁ ଚିକିତ୍ସା ପାଇଁ ସହାୟତା ଯୋଗାଇଦିଆଯିବ ବୋଲି କହିଛନ୍ତି।

# ଆର୍ଥିକ ଅନିୟମିତତାର ତଦନ୍ତ ଦାବି

**ଖୋର୍ଦ୍ଧା ଅଫିସ,୧୫।୩**

ଚିଲିକା ବ୍ଲକ ଅଧୀନ ସୋରଣ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଲକ୍ଷାଧିକ ଟଙ୍କାର ଆର୍ଥିକ ଅନିୟମିତତା ତଦନ୍ତ ଦାବିରେ ଏକାଧିକ ଗ୍ରାମବାସୀ ସୋମବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନ ସମୟରେ ବିଦ୍ୟାଳୟକୁ ଆସୁଥିବା ଅନୁଦାନ, ଫନୀ ବାତ୍ୟାରେ ଉପୁଡ଼ି ପଡିଥିବା ବହୁ ମୂଲ୍ୟବାନ୍ ଗଛ ଏବଂ ପୁରୁଣା କୋଠାରୁ ବାହାରିଥିବା ମାଙ୍କଡ଼ା ପଥର ବିକ୍ରି ବାବଦରେ ବ୍ୟାପକ ଅର୍ଥ ହେରଫେର ହୋଇଥିବା ନେଇ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ଫନୀରେ ବିଦ୍ୟାଳୟ ପରିସରରେ ଭାଙ୍ଗିପଡିଥିବା ଗଛ କାଟି ଅଗ୍ନିଶମ ସଂସ୍ଥା ସ୍କୁଲ ହତାରେ ରଖିଥିଲେ। ସ୍କୁଲରେ ମଧ୍ୟାହ୍ନ ଭୋଜନରେ ଜାଳେଣି ଲାଗି ପ୍ରଧାନଶିକ୍ଷକ ଏସ୍‌ଏଚ୍‌ଜି ଗ୍ରୁପ ୭ ହଜାର ଟଙ୍କାରେ କାଠ ବିକ୍ରି କରିଥିଲେ। ତେବେ ମୂଲ୍ୟବାନ୍ କାଠ କେତେ ଟଙ୍କା ବିକ୍ରି କରିଛନ୍ତି, କାହା ନିର୍ଦ୍ଦେଶରେ ବିକ୍ରି କରିଛନ୍ତି, ଏ ବାବଦ ଟଙ୍କା କେଉଁ ଆକାଉଣ୍ଟରେ ଜମା କରାଯାଇଛି ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ବାତ୍ୟାରେ ଭାଙ୍ଗି ପଡିଥିବା ପୁରୁଣା ଆଜ୍‌ବେଷ୍ଟସ କୋଠା ଭାଙ୍ଗିଯିବା ପରେ ରାଜ୍ୟ ସରକାର ନୂତନ କୋଠା ନିର୍ମାଣ ଲାଗି ୨୧ଲକ୍ଷ ଟଙ୍କା ଅନୁଦାନରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତେବେ ପୁରୁଣା କୋଠାରୁ ବାହାରିଥିବା ୩୦୦ ପିସ୍ ମାଙ୍କଡା ପଥର, ୬ଟି ଶାଗୁଆନ୍ ଓରା କେଉଁଆଡେ ଗଲା, ତାହାର ତଦନ୍ତ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ବିଦ୍ୟାଳୟ ରଙ୍ଗ ବାବଦକୁ ଆସିଥିବା ୭୫ ହଜାର ଟଙ୍କା, ପୁନର୍ବାର କୋଭିଡ ଲାଗି ଜିଆରଏସ୍‌ଏସ୍ ମାଧ୍ୟମରେ ୭୫ ହଜାର ଟଙ୍କା କିପରି ଖର୍ଚ୍ଚ କରାଯାଇଛି ତଦନ୍ତ କରାଗଲେ ବହୁ ତଥ୍ୟ ପଦାକୁ ଆସିବ ବୋଲି ଗ୍ରାମବାସୀ ଜିଲାପାଳଙ୍କୁ ଜଣାଇଛନ୍ତି। ଏହି ଘଟଣାର ତଦନ୍ତ କରାଯିବ ବୋଲି ଜିଲାପାଳ ସନତ ମହାନ୍ତି କହିଛନ୍ତି। ଗ୍ରାମର ବୃନ୍ଦାବନ ବିଶ୍ୱାଳ, ବ୍ରଜକିଶୋର ପାଇକରାୟ, ସନ୍ତୋଷ ମହାପାତ୍ର, ହରି ଚମ୍ପତି, ଅନାଦି ପାଇକରାୟ, ରମେଶ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।


**କୋଭିଡ୍ କଟକଣାକୁ ଫୁଃ** ସୋମବାର ବାଲୁଗାଁ ଗାନ୍ଧୀ ବଜାରରେ ଲୋକଙ୍କ ଭିଡ଼।

# ବରୁଣେଇ ପୀଠରେ ଜଳକଷ୍ଟ

**ଖୋର୍ଦ୍ଧା ଅଫିସ,୧୫।୩**


ଅଚଳ ହୋଇପଡ଼ିଥିବା ଟ୍ୟାପ।

**ମରାମତି ହେଉନି ଅଚଳ ଟ୍ୟାପ୍, ପାହାଚ ଫାଟି ଆଁ**

ଖୋର୍ଦ୍ଧା ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳଭାବେ ବରୁଣେଇ ପୀଠ ପରିଚିତ। ଏଠାରେ ବର୍ଷତମାମ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ମା' ବରୁଣେଇ ଓ କରୁଣେଇଙ୍କ ଦର୍ଶନ ସହ ପାହାଡ଼ ଉପର ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପର୍ଯ୍ୟଟକଙ୍କ ସୁବିଧା ପାଇଁ ସ୍ଥାନୀୟ ପ୍ରଶାସନ ଏବଂ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ଏଠାରେ ପାଇପ ଟ୍ୟାପ ଅଚଳ ହୋଇପଡିଛି। ଏଥିସହ ବରୁଣେଇ ମନ୍ଦିର ଯିବା ଲାଗି ରହିଥିବା ପାହାଚ ଫାଟି ଆଁ କରିଛି। ଚାରିଆଡେ ଗଛପତ୍ର ଶୁଖିଲା ଡାଳପତ୍ର ପଡିରହିଛି। ଏହାକୁ ସଫା କରାଯାଉନାହିଁ। ପିଇବା ପାଇଁ ବିଶୁଦ୍ଧ ପାନୀୟଜଳ ସୁବିଧା ନ ଥିବା ପର୍ଯ୍ୟଟକମାନେ କହିଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ କରୋନା କଟକଣା ଯୋଗୁ ଏହି ପର୍ଯ୍ୟଟନସ୍ଥଳ ୯ମାସ ଧରି ବନ୍ଦ ରହିଥିଲା। ଫଳରେ ଏହି ସ୍ଥାନ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳି ପାଲଟିଛି। ବନ ବିଭାଗ ଅବହେଳାରୁ ବରୁଣେଇ ଜଙ୍ଗଲରୁ ବହୁ ମୂଲ୍ୟବାନ ଗଛ ପଦା ହେବାକୁ ବସିଛି ଆଗକୁ ବରୁଣେଇ ଜଙ୍ଗଲ ଶୂନ୍ୟ ହୋଇପଡ଼ିବ ବୋଲି ପରିବେଶବିତମାନେ ଆଶଙ୍କା କରିଛନ୍ତି। ବରୁଣେଇ ପୀଠର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଛି ବୋଲି ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି। ସେହିପରି ଭିତ୍ତିଭୂମି ସଜାଡ଼ିବା ସହିତ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉଛି ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି।

# ଜବରଦଖଲରେ ପୁରୁଣା ଡିଆର୍‌ଡିଏ କାର୍ଯ୍ୟାଳୟ

**ଖୋର୍ଦ୍ଧା ଅଫିସ,୧୫।୩**



ଜିଲାପାଳଙ୍କ ଅଫିସ୍ ଆଗରେ ଧାରଣା ଦିଆଯାଇଛି।

- ଇଞ୍ଜିନିୟରିଂ କଲେଜ କବଜାରେ କାର୍ଯ୍ୟାଳୟ
- ମୁକ୍ତ ଦାବିରେ ଜିଲାପାଳଙ୍କ ଅଫିସ ଆଗରେ ଧାରଣା

ଘରୋଇ ଇଞ୍ଜିନିୟରିଂ କଲେଜ ଜବରଦଖଲରେ ରହିଛି ଖୋର୍ଦ୍ଧାର ପୁରୁଣା ଗ୍ରାମ୍ୟ ଉନ୍ନୟନ (ଡିଆରଡିଏ) କାର୍ଯ୍ୟାଳୟ, ଯାହାକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି କାର୍ଯ୍ୟାଳୟ ଜମି ଜବରଦଖଲ ମୁକ୍ତ ଦାବିରେ ସୋମବାର ନ୍ୟୁ ଥିଙ୍କିଙ୍ଗ ଫୋରମ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଏହି ଜମିକୁ ଜବରଦଖଲ ମୁକ୍ତ କରି ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟରେ ବିନିଯୋଗ ଲାଗି ନିବେଦନ କରାଯାଇଛି। ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଦାବିପତ୍ରରେ ଦର୍ଶାଯାଇଛି ଯେ, ବରୁଣେଇ ପାହାଡ଼ ପାଦଦେଶରେ ୧୯୯୯ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରେ ମୁକୁନ୍ଦପ୍ରସାଦ ମୌଜା ଖାତା ନଂ. ୭୩୭, ପ୍ଲଟ ନଂ.୨୩୨୧ରେ ଏକର ୧.୮୩୨ ଜମିରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ କୋଠା ନିର୍ମାଣ ହୋଇଥିଲା। ଏହା ସହରଠାରୁ ଦୂରରେ ଥିବାରୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନୂତନ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିଲା। ଯାହା ସହରବାସୀଙ୍କୁ ବର୍ତ୍ତମାନ ସେବା ଯୋଗାଉଛି। ପୁରୁଣା କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଲାଗି ନିଷ୍ପତ୍ତି ହୋଇଥିଲା। ପରେ ବ୍ୟବହାର ଅନୁପଯୋଗୀ କାରଣରୁ ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ଏହାର ସୁଯୋଗ ନେଇ ଏକ ଘରୋଇ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷ ପୁରୁଣା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟକୁ ଜବରଦଖଲ କରି ପୁରୁଣା କୋଠାକୁ ମାଟିରେ ମିଶାଇ ନିଜର କୋଠା ନିର୍ମାଣ କରିଛନ୍ତି। ଏଥିସହ ଚାରିପଟେ ପାଚେରି ନିର୍ମାଣ ହୋଇଛି। ଅନ୍ୟପଟେ ବରୁଣେଇ ପାଦଦେଶରେ ୨୦୧୯ ଡିସେମ୍ବର ୮ରେ ରାଷ୍ଟ୍ରପତିଙ୍କ ଦ୍ୱାରା ଶିଳାନ୍ୟାସ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ଲାଗି ଆବଶ୍ୟକ ଜମି ଅଭାବରୁ ଏହାର ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ଏହି ସରକାରୀ ଜମିକୁ ଜବରଦଖଲ ମୁକ୍ତ କରି ସ୍ମାରକୀ ନିର୍ମାଣ କାର୍ଯ୍ୟରେ ବିନିଯୋଗ କରିବା ଲାଗି ଫୋରମ୍ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଫୋରମ୍ ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ଓକିଲ ସଂଘ ସଭାପତି ଶିଶିର ପରିଡ଼ା, ପଦ୍ମଚରଣ ରାୟ, କଂଗ୍ରେସ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ, ଅବନୀ ଦାସ, ହର ମହାପାତ୍ର, ବିକ୍ର ଚମ୍ପତି, ପ୍ରଫୁଲ୍ଲ ସାମନ୍ତରାୟ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ବିଜୟ ଛୋଟରାୟ, ବିଚିତ୍ର ବଡ଼ଜେନାଙ୍କ ସମେତ ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଉପସ୍ଥିତ ଥିଲେ।

# ପୋଲିସ ସ୍କାନରରେ ପୋଲିସ

### ଯାଁଳା ଫାଣ୍ଡି ଜବତ କାର୍ ଭିତରୁ କଙ୍କାଳ ମିଳିବା ଘଟଣା

- ସତ ଜାଣିବାକୁ ପରିଚୟ ଖୋଜୁଛି କମିଶନରେଟ୍ ପୋଲିସ
- ନିଲମ୍ବିତ ଫାଣ୍ଡି ଅଧିକାରୀଙ୍କୁ ଜେରା
- ଥାନା, ଫାଣ୍ଡିର ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ଜେରା କରାଯିବ
- ନିଲମ୍ବନ ହୋଇପାରନ୍ତି ଅନ୍ୟ ଜଣେ ଅଧିକାରୀ
- ଡିଏନଏ ଟେଷ୍ଟ ପାଇଁ ପଠା ଗଲା ନମୁନା



ଭୁବନେଶ୍ୱର,୧୫।୩(ବ୍ୟୁରୋ)

ଯାଁଳା ଫାଣ୍ଡି ଭିତରେ ଥିବା ଏକ ଜବତ କାର୍‌ରୁ ମହିଳାଙ୍କ କଙ୍କାଳ ମିଳିବା ଘଟଣାରେ ପ୍ରତିଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ମହିଳାଙ୍କ ମୃତ୍ୟୁ ସ୍ୱାଭାବିକ ଭାବେ ହୋଇଥିବା ପୋଲିସ ପ୍ରଥମେ କହୁଥିଲା। ମାତ୍ର ଏବେ ଘଟଣା ଭିନ୍ନ ମୋଡ ନେଉଥିବାରୁ ବିଭିନ୍ନ ଦିଗ ପୁଣି ସନ୍ଦେହ ଘେରକୁ ଆସୁଛି। କଙ୍କାଳର ଅବଶିଷ୍ଟାଂଶକୁ ଫରେନସିକ ଲାବକୁ ପଠାଯିବା ସହ ରିପୋର୍ଟ ତୁରନ୍ତ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ମହିଳାଙ୍କ ଡିଏନଏ ଟେଷ୍ଟ ପାଇଁ ନମୁନା ରାଜ୍ୟ ବାହାରକୁ ପଠାଯାଇଛି। କମିଶନରେଟ୍ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଦାୟିତ୍ୱ ମହିଳା ଥାନା ଅଧିକାରୀ ବନିତା ମହାରଣାଙ୍କୁ ଦିଆଯାଇଥିବା ବେଳେ ଏବେ ପୋଲିସ ସ୍କାନରେ ପୋଲିସ ହିଁ ରହିଛି। ନିଲମ୍ବିତ ହୋଇଥିବା ଫାଣ୍ଡି ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କୁ ପ୍ରଥମ ପର୍ଯ୍ୟାୟରେ ପଚରାଉଚରା କରାଯାଇଛି। ଏଥିସହିତ କମିଶନରେଟ୍ ପୋଲିସର ବରିଷ୍ଠ ଅଧିକାରୀମାନେ ମଧ୍ୟ ଘଟଣାସ୍ଥଳକୁ ଯାଇ ଖୋଳତାଡ ଜାରି ରଖିଛନ୍ତି। ସେହିପରି କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ କରାଯାଇଛି। ଜଟଣୀ ଥାନା ଓ ଯାଁଳା ଫାଣ୍ଡିର କେତେଜଣ ପୋଲିସ କର୍ମଚାରୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇ ପଚରାଉଚରା କରାଯିବ ବୋଲି ସୂଚନା ମିଳିଛି। ମହିଳାଙ୍କ ମୃତଦେହ ଗାଡ଼ି ଭିତରେ ଦୀର୍ଘଦିନ ପଡ଼ିରହି କଙ୍କାଳ ପାଲଟିଯାଇଥିଲେ ମଧ୍ୟ ପୋଲିସ କେମିତି କିଛି ସୂଚନା ପାଇପାରିଲା ନାହିଁ, କେଉଁ ପରିସ୍ଥିତିରେ ମହିଳାଙ୍କ ମୃତଦେହ ଫାଣ୍ଡି ପରିସରକୁ ଆସିଲା, ସ୍ୱାଭାବିକ ମୃତ୍ୟୁ ନାଁ ଏହା ପଛରେ ହତ୍ୟା ଯୋଜନା ରହିଛି, ମହିଳାଙ୍କୁ ବଳାତ୍କାର କରାଯାଇଥିଲା କି ନାହିଁ, ହାଜତ ମୃତ୍ୟୁ ପରେ ଘଟଣାକୁ ଫାଣ୍ଡି କର୍ମଚାରୀ ଲୁଚାଇବାକୁ ପ୍ରୟାସ କରୁଛନ୍ତି କି ଆଦି ସମସ୍ତ ଦିଗକୁ ପୋଲିସ ଗୁରୁତ୍ୱର ସହ ନେଇ ତଦନ୍ତ କରୁଛି। ଅନ୍ୟପକ୍ଷେ ସତ ପାଖରେ ପହଞ୍ଚିବାକୁ ହେଲେ କମିଶନରେଟ୍ ପୋଲିସ ପାଇଁ ମହିଳାଙ୍କ ପରିଚୟ ନିତାନ୍ତ ଆବଶ୍ୟକ ହୋଇପଡ଼ିଛି। ଏଥିଲାଗି ପୋଲିସ ସମସ୍ତ ବଳ ଲଗାଇଦେଇଛି। ମହିଳାଙ୍କ ନଖ, ଦାନ୍ତ, କଙ୍କାଳ ଓ ଚୁଟି ପରୀକ୍ଷା ନିମନ୍ତେ ହାଇଦ୍ରାବାଦ ପଠାଯାଇଥିବା ବେଳେ ଫେସ୍ ରିକନ୍‌ଷ୍ଟ୍ରକଶନ ମାଧ୍ୟମରେ ତାଙ୍କ ସମ୍ଭାବ୍ୟ ସ୍କେଚ୍ ପ୍ରସ୍ତୁତ କରାଯାଉଛି। ଏହାଦ୍ୱାରା ମହିଳାଙ୍କ ରୂପ ୬୦ ପ୍ରତିଶତ ଦେଖାଯିବା ଭଳି ସ୍କେଚ୍ ପ୍ରସ୍ତୁତ କରାଯାଇପାରିବ। ଯାହା ପୋଲିସକୁ ତଦନ୍ତରେ ବେଶ୍ ସହାୟକ ହେବ ବୋଲି କୁହାଯାଉଛି। ଏଥିସହିତ ପୂର୍ବରୁ ଜଟଣୀ ଥାନା ପୋଲିସ ଯେଉଁସବୁ ନିଖୋଜ ମହିଳାଙ୍କ ମାମଲା ଉପରେ ତଥ୍ୟ ସଂଗ୍ରହ କରିଥିଲା ସେନେଇ ଆଉଥରେ ଛାନଭିନ୍ ଆରମ୍ଭ ହୋଇଛି। ଅନ୍ୟ ଥାନାଗୁଡ଼ିକରେ ମଧ୍ୟ ରୁଜୁ ହୋଇଥିବା ନିଖୋଜ ମାମଲା ଉପରେ ପୋଲିସ ଅନୁସନ୍ଧାନ କରୁଛି। ତେବେ ସ୍ଥାନୀୟ ପୋଲିସ ଚାପରେ ଯଦି ବ୍ୟବଚ୍ଛେଦ ରିପୋର୍ଟରେ କିଛି ପରିବର୍ତ୍ତନ ହୋଇଥିବ ତା'ହେଲେ ଏମ୍ସ ହସ୍ପିଟାଲ୍ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜଣେ ପୋଲିସ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। ଶନିବାର କାର୍ଯ୍ୟରେ ଅବହେଳା ନେଇ ଫାଣ୍ଡି ଅଧିକାରଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଅନ୍ୟଜଣେ ଅଧିକାରୀଙ୍କୁ ଖୁବ୍‌ଶୀଘ୍ର ନିଲମ୍ବନ କରାଯାଇପାରେ ବୋଲି ସୂଚନା ମିଳିଛି।

ସୂଚନା ଅନୁଯାୟୀ, ୨୦୧୯ରେ ଗଞ୍ଜେଇ ଚାଲାଣ ହେଉଥିବା ଏକ ଗାଡ଼ି ଜବତ କରାଯାଇ ଯାଁଳା ଫାଣ୍ଡିରେ ରଖାଯାଇଥିଲା। ତେବେ ଗାଡ଼ି ମାଲିକ ଆବଶ୍ୟକ କାଗଜପତ୍ର ସହ ଫେବୃୟାରୀ ୧୨ରେ ଗାଡ଼ି ନେବାକୁ ଫାଣ୍ଡିକୁ ଆସିଥିଲେ। ଏହି ସମୟରେ ତାଙ୍କ ଗାଡ଼ିରେ ଏକ ନରକଙ୍କାଳ ପଡ଼ିରହିଥିବା ଦେଖିବାକୁ ପାଇଥିଲେ। ଘଟଣା ଜଣାପଡ଼ିବା ପରେ କମିଶନରେଟ୍ ପୋଲିସ କଙ୍କାଳ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଏମ୍ସ ହସ୍ପିଟାଲ୍‌କୁ ପଠାଇଥିଲା। ଏଥିସହିତ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଯାଞ୍ଚ କରିଥିଲା। ଏହାପରେ ଏହି ଘଟଣା ସମ୍ପର୍କରେ ଜୋନ୍ ଏସିପିଙ୍କୁ ଡିସିପି ସ୍ପଷ୍ଟୀକରଣ ମାଗିଥିଲେ।

## ଜିଏସ୍‌ଟି ଜାଲିଆତିର ତଦନ୍ତ ଆରମ୍ଭ

କଟକ ସଦର, ୧୫।୩(ଡି.ଏନ୍.ଏ.)

ରାଜ୍ୟ ବାଣିଜ୍ୟକର ଆୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ କଟକ ସଦର ବ୍ଲକରେ ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ଜାଲିଆତିର ତଦନ୍ତ ଆରମ୍ଭ ହୋଇଛି। ବାଣିଜ୍ୟକର ବିଭାଗର ଏନ୍‌ଫୋର୍ସମେଣ୍ଟ ଷ୍ଟାଫ ସୋମବାର ବ୍ଲକ କାର୍ଯ୍ୟାଳୟକୁ ଆସି ପୁରୁଣା ବିଲ୍ ଫାଇଲ ତନଖି କରିଥିଲେ। ଏହାଛଡା କିଛି ଫାଇଲ ଯାଞ୍ଚ ପାଇଁ ଜବତ କରିଛି। ବିଭିନ୍ନ କାର୍ଯ୍ୟର ବିଲ୍ ପାଇଁ ବ୍ଲକରେ ଦାଖଲ କରାଯାଇଥିବା ସିମେଣ୍ଟ, ରଡ୍, ରଙ୍ଗ, ବୈଦ୍ୟୁତିକ ସାମଗ୍ରୀ, ଚିପ୍‌ସ କ୍ରୟ ରସିଦ ଜାଲ୍ ଥିବା ବାଣିଜ୍ୟକର ଆୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ୨୦୧୭ରୁ ଜିଏସ୍‌ଟି ଲାଗୁ ହେବା ପରେ ପଞ୍ଚାୟତ ଓ ବ୍ଲକ ସ୍ତରରେ ଜାଲ୍ ରସିଦ ବ୍ୟବହାର କରାଯାଇ ଟିକସ ଫାଙ୍କିବାର ତଦନ୍ତ ଏନ୍‌ଫୋର୍ସମେଣ୍ଟ ଷ୍ଟାଫ ଚାଲୁ ରଖିଛନ୍ତି। କାରଣ କମ୍ପ୍ୟୁଟରରେ ପ୍ରସ୍ତୁତ ଜାଲ୍ ଜିଏସ୍‌ଟି ରସିଦ ବିଭିନ୍ନ ସାମଗ୍ରୀ କ୍ରୟରେ ବ୍ୟବହାର ହୋଇଛି। ୨୦୧୮ରୁ ସମସ୍ତ କାମ ବିଭାଗୀୟ ତତ୍ତ୍ୱାବଧାନରେ ହୋଇଥିବାରୁ ଯନ୍ତ୍ରୀମାନଙ୍କ ପାଇଁ ସମସ୍ୟା ଦେଖାଦେଇଛି। ଏ ନେଇ ବିଡିଓ ରାଜୀବ ଲୋଚନ ପରିଡା କୌଣସି ମନ୍ତବ୍ୟ ଦେବା ପାଇଁ ମନା କରିଥିଲେ।

## ସଂକ୍ଷେପରେ

### ସୁନା ଚେନ୍ ଜବତ, ୩ ଗିରଫ

ଭୁବନେଶ୍ୱର, ୧୫।୩(ବ୍ୟୁରୋ) : ଚୋରି ଘଟଣାରେ ସୋମବାର ଲକ୍ଷ୍ମୀସାଗର ଥାନା ପୋଲିସ ୩ଜଣଙ୍କୁ ଗିରଫ କରିବା ସହ ୧୨ ଗ୍ରାମର ସୁନା ଚେନ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବାଲିସୁଣାର ସଂଗ୍ରାମ ଚୌଧୁରୀ(୨୩), ମାନସ ଦାସ(୨୫) ଓ ବଡହାଟ ଗାଁର ନବୀନ ଚନ୍ଦ୍ର ସାହୁ(୪୫)। ସେମାନେ ଗତ ୮ ତାରିଖରେ ଲକ୍ଷ୍ମୀସାଗର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରୁ ୭ହଜାର ଟଙ୍କା, ଏଟିଏମ କାର୍ଡ ଓ ସୁନା ଚେନ ଚୋରି କରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ମାମଲା (ନଂ. ୧୩/୨୧) ରୁଜୁକରି ତଦନ୍ତ ଚଳାଇଥିଲା।

### ରବି ରାୟ ସ୍ମୃତି ସଂସଦର ନୂତନ କର୍ମକର୍ତ୍ତା

ବାଲିପାଟଣା,୧୫।୩(ଡି.ଏନ୍.ଏ.): ପୂର୍ବତନ ଲୋକସଭା ବାଚସ୍ପତି ରବି ରାୟ ସ୍ମୃତି ସଂସଦର କର୍ମକର୍ତ୍ତା ଚୟନ କରାଯାଇଛି। ଡ. ଅବଦୁଲ ଓସିଦ ଖାଁ ମୁଖ୍ୟ ସଂଯୋଜକ, ଅଭିମନ୍ୟୁ ନାୟକ ସଭାପତି, ବିପିନ ମହାନ୍ତି ଓ ଶୁଭେନ୍ଦୁ କୁମାର ଦାଶ ଉପସଭାପତି, ଭଗବାନ ସାହୁ ସମ୍ପାଦକ, ସୌମ୍ୟା ପରିଡ଼ା ସହ ସମ୍ପାଦିକା, ସୁରେଶ ସ୍ୱାଇଁ କୋଷାଧକ୍ଷ ଓ କାର୍ଯ୍ୟକାରୀ କମିଟି ମୁଖ୍ୟ ଭାବେ ମନୋରଞ୍ଜନ ରାୟ ଓ ସୁକାନ୍ତ ସାହୁ ସର୍ବସମ୍ମତକ୍ରମେ ମନୋନୀତ ହୋଇଛନ୍ତି। ରବି ରାୟ ସ୍ମୃତି ସଂସଦର ସମାଜସେବା କାର୍ଯ୍ୟ ତାଙ୍କ ଜନ୍ମମାଟିରୁ ଆରମ୍ଭ ହେବ ବୋଲି ସ୍ଥିର ହୋଇଛି। ଏହି କର୍ମକର୍ତ୍ତା ଚୟନରେ ରମେଶ ସାହୁ, ରବୀନ୍ଦ୍ର ଦାସ, କୈଳାସ ମିଶ୍ର, ଦେବେନ୍ଦ୍ର ଦାସଙ୍କ ସମେତ ବାଲିପାଟଣା ଏବଂ ବାଲିଅନ୍ତା ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ଉପଭୋକ୍ତାଙ୍କୁ ସୁରକ୍ଷା ଦେବାରେ ସରକାର ଅଙ୍ଗୀକାରବଦ୍ଧ

ଭୁବନେଶ୍ୱର,୧୫।୩ (ବ୍ୟୁରୋ): ଉପଭୋକ୍ତାମାନଙ୍କ ଅଧିକାରକୁ ସମ୍ମାନ ଓ ସୁରକ୍ଷା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ରାଜ୍ୟର ସବୁ ଖାଉଟିମାନଙ୍କୁ ଉନ୍ନତମାନର ସେବା ଯୋଗାଇଦେବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି। ତେବେ ନିଜେ ଉପଭୋକ୍ତା କିଭଳି ନିଜକୁ ସୁରକ୍ଷିତ ରଖିପାରିବେ ଓ କୌଣସି ବିବାଦ ଉପୁଜିଲେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନ୍ୟାୟ ପାଇପାରିବେ, ସେଥିପାଇଁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସୋମବାର ବିଶ୍ୱ ଖାଉଟି ଦିବସ ପାଳନ ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ଯୋଗଦେଇ ମନ୍ତ୍ରୀ କହିଲେ, ଉପଭୋକ୍ତାମାନେ ଏଣିକି ସେମାନଙ୍କର ଅଭିଯୋଗ ଇ-ଫାଇଲିଂ ମାଧ୍ୟମରେ ସମ୍ପୃକ୍ତ ଆୟୋଗରେ ଦାଖଲ କରିପାରିବେ। ଏହି ଆଇନ ବଳରେ ବିଭ୍ରାନ୍ତିକାରୀ ବିଜ୍ଞାପନ କରୁଥିବା ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ରାଜ୍ୟ ଖାଉଟି ବିବାଦ ପ୍ରତିକାର ସମାଧାନ ଆୟୋଗର ସଭାପତି ଜଷ୍ଟିସ ଡ. ଡି.ପି. ଚୌଧୁରୀ ବିଶ୍ୱ ଖାଉଟି ଅଧିକାର ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ୱେବିନାରରେ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଖାଉଟି ପରାମର୍ଶଦାତା ବେଜନ ମିଶ୍ର, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯୋଗେଶ ପ୍ରତାପ ସିଂ, ଅତିରିକ୍ତ ଶାସନ ସଚିବ ଜ୍ୟୋତି କୁମାର ଲାକ୍ରା, ସତ୍ୟନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### କୋଶଲାଶୁଣି ଶାଳ ଜଙ୍ଗଲରେ ନିଆଁ

ବୋଲଗଡ଼,୧୫।୩(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଆରିକିମା ପଞ୍ଚାୟତରେ ଥିବା କୋଶଲାଶୁଣି ଶାଳ ଜଙ୍ଗଲରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ପ୍ରାୟ ୪ ଏକର ପରିମିତ ଅଞ୍ଚଳରେ ଥିବା ବହୁ ଗଛଲତା ପୋଡ଼ିଯାଇଛି। ଖବରପାଇ ବୋଲଗଡ଼ ବନ ବିଭାଗ କର୍ମଚାରୀ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୀର୍ଘ ୪ ଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ମଧ୍ୟାହ୍ନରେ କୋଶଲାଶୁଣି ଶାଳ ଜଙ୍ଗଲରେ ନିଆଁ ଲାଗିଥିବା ଦେଖି ଗ୍ରାମବାସୀ ବୋଲଗଡ଼ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ଓ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଦୁଇ ଦିନ ପୂର୍ବେ ଏହି ଜଙ୍ଗଲରେ ନିଆଁ ଲାଗି ପ୍ରାୟ ୨ ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ ପୋଡ଼ି ନଷ୍ଟ ହୋଇଥିବା ଦେଖିବାକୁ ମିଳିଥିଲା। କୌଣସି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ଅନୁମାନ କରାଯାଉଛି।




ନିଯୁକ୍ତି କ୍ଷେତ୍ରରେ ସୁଯୋଗ ସୃଷ୍ଟି ଉଦ୍ଦେଶ୍ୟରେ ଜା ଲାଇଫ୍ ଷ୍ଟାଇଲ୍ ପକ୍ଷରୁ ସୋମବାର ମାଷ୍ଟରକ୍ୟାଣ୍ଟିନ ଛକରେ ସୋମବାର ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

# ମାସକରେ ୧.୨୦ କୋଟି ଟଙ୍କା ସାଇବର ଠକେଇ

- ଭୁବନେଶ୍ୱରରୁ ୫୧ ଲକ୍ଷ ଠକେଇ
- ସାଇବର ହେଲ୍ପଡେସ୍କକୁ ଆସିଛି ୭୮୪ କଲ୍
- କେହି ଗିରଫ ହୋଇନାହାନ୍ତି, ୬.୮୫ଲକ୍ଷ ଟଙ୍କା ଫେରିଛି

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ରାଜ୍ୟରେ ସାଇବର ଠକେଇ କମିବାରେ ନାଁ ଧରୁନି। ସରକାର ଓ ପୋଲିସ ପକ୍ଷରୁ ଅନେକ ସଚେତନତା ପରେ ମଧ୍ୟ ବେଲଗାମ ପାଲଟିଛି ସାଇବର ଠକେଇ। ପୋଲିସ ତଦନ୍ତରେ ବୈଷୟିକ ଜ୍ଞାନକୌଶଳର ଅଭାବ ଓ ଲୋକମାନଙ୍କ ଅସଚେତନତା ଲାଗି ଲାଭ ଉଠାଉଛନ୍ତି ସାଇବର ଅପରାଧୀ। ଭୁବନେଶ୍ୱର କମିଶନରେଟ ପୋଲିସ ସାଇବର ହେଲ୍ପଡେସ୍କ ପକ୍ଷରୁ ଦିଆଯାଇଥିବା ଫେବୃୟାରୀ ମାସ ରିପୋର୍ଟରୁ ଏହା ସ୍ପଷ୍ଟ ଜଣାପଡୁଛି। ସାଇବର ହେଲ୍ପଡେସ୍କ ସାଇବର ଠକେଇ ହେବା ପରେ ଟଙ୍କା ଫେରାଇ ଆଣିବା ଓ ଠକଙ୍କ ନମ୍ବର ବ୍ଲକ କରୁଥିବା ବେଳେ ପୋଲିସ କୌଣସି ସାଇବର ଠକଙ୍କୁ ଗିରଫ କରିପାରିନାହିଁ। ରିପୋର୍ଟ ଅନୁଯାୟୀ, ଫେବୃୟାରୀରେ ପ୍ରାୟ ୧କୋଟି ୨୦ଲକ୍ଷ ଟଙ୍କା ଠକେଇ ହୋଇଥିବା ବେଳେ ୬୯ଲକ୍ଷ ୭୩ହଜାର ଟଙ୍କା ଠକେଇ ହୋଇଥିବା ରାଜ୍ୟର ଅନ୍ୟ ସ୍ଥାନରୁ ଅଭିଯୋଗ ଆସିଛି। ସେଥିମଧ୍ୟରୁ କେବଳ ଭୁବନେଶ୍ୱରରୁ ୫୧ଲକ୍ଷ ୩୯ହଜାର ଟଙ୍କାର ଠକେଇ ହୋଇଛି। ବିଶେଷକରି ୟୁପିଆଇ ଆଇଡି ମାଧ୍ୟମରେ ଠକେଇ ଅଧିକ କରିଛନ୍ତି ସାଇବର ଠକ। ମାସକରେ ପ୍ରାୟ ୧୨୫ଟି ୟୁପିଆଇ ଠକେଇ ହୋଇଛି। ଏଥିସହିତ କ୍ରେଡିଟ୍ କାର୍ଡ କିମ୍ବା ଡେବିଟ୍ କାର୍ଡରେ ୩୫ ଓ ଅନ୍ୟ କଲ୍ ତଥା ଏଟେରି, ଟିଭି ରିଚାର୍ଜ, ଫେଶନ ରିଚାର୍ଜ ବାହାନାରେ ୧୬୫ଟି ଠକେଇ ହୋଇଛି। ଗତ ଫେବୃୟାରୀରେ କମିଶନରେଟ ପୋଲିସର ସାଇବର ହେଲ୍ପ ଡେସ୍କକୁ ମୋଟ ୭୮୪ଟି କଲ ଆସିଛି, ଯେଉଁଥିରେ ଭୁବନେଶ୍ୱରରୁ ୩୨୨ ଫୋନ୍ କଲ ଆସିଥିବା ବେଳେ ଅନ୍ୟ ୪୬୨କଲ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କରାଯାଇଛି। ଏହାବ୍ୟତୀତ ୬ ଲକ୍ଷ ୮୫ ହଜାର ୮୪୭ ଟଙ୍କା ପୋଲିସ ଠକଙ୍କ ନିକଟରୁ ଫେରାଇ ଆଣିବାରେ ସକ୍ଷମ ହୋଇଛି। ଫେରସ୍ତ ସମସ୍ତ ଟଙ୍କା ଠକେଇର ଶିକାର ହୋଇଥିବା ଲୋକଙ୍କୁ ଦିଆଯାଇଛି। ଫେବୃୟାରୀରେ ମୋଟ ଠକେଇ ନେଇ ୧୩ଟି ମାମଲା ରୁଜୁ ହୋଇଥିବା ନେଇ ରିପୋର୍ଟରେ ଉଲ୍ଲେଖ ହୋଇଛି।

# କର୍ପୋରେଟରଙ୍କ ପୁଅ ବ୍ରାଉନସୁଗାର ବେପାରୀ

- ଜଳେଶ୍ୱରରୁ ଆଣି ରାଜଧାନୀରେ ବିକୁଥିଲେ
- ୨ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୧୫।୩ (ବ୍ୟୁରୋ)

ରାଜଧାନୀରେ ଇଞ୍ଜିନିୟର ଭଳି କଲେଜ ପଢୁଆ ପିଲାମାନେ ବ୍ରାଉନସୁଗାର ବେପାର କରୁଥିବାର ଧରାପଡ଼ିଥିବାବେଳେ ଏବେ ଜଣେ କର୍ପୋରେଟରଙ୍କ ପୁଅ ଏହି କାରବାର କରୁଥିବା ଧରାପଡ଼ିଛନ୍ତି। ସେ ଜଳେଶ୍ୱରରୁ ଧଳାଜହର ଆଣି ଖଣ୍ଡଗିରି ଅଞ୍ଚଳରେ ବିକ୍ରି କରୁଥିଲେ। ଖଣ୍ଡଗିରି ଥାନା ପୋଲିସ ଖବରପାଇ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରି ଛି । ସେମାନେ ହେଲେ କର୍ପୋରେଟରଙ୍କ ପୁଅ ଜାଗମରା ଅଞ୍ଚଳର ବ୍ରିଜେଶ ଜେନା ଓରଫ ଲିପୁ(୨୧) ଓ ଯଦୁପୁର ଅଞ୍ଚଳର ଏସ୍.କେ. ଆଜାଦ(୨୯)। ପୋଲିସ ସେମାନଙ୍କଠାରୁ ୧୧.୨୦ ଗ୍ରାମର ବ୍ରାଉନସୁଗାର ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ। ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ଅଭିଯୁକ୍ତଦ୍ୱୟ ଜାଗମରା, ଖଣ୍ଡଗିରି, ଭରତପୁର ଥାନା ବସ୍ତି ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି କରୁଥିଲେ। ସେମାନେ ଜଳେଶ୍ୱର ଅଞ୍ଚଳର ଜଣେ ବେପାରୀଙ୍କ ନିକଟରୁ ବ୍ରାଉନ୍‌ସୁଗାର ଭୁବନେଶ୍ୱର ଆଣି କଲେଜ ଛାତ୍ର ଓ ଯୁବକଙ୍କୁ ବିକ୍ରି କରୁଥିଲେ। ଏ ନେଇ କିଛିଦିନ ତଳେ ଖଣ୍ଡଗିରି ପୋଲିସ ସୂଚନା ପାଇ ସେମାନଙ୍କୁ ସ୍କାନରରେ ରଖିଥିଲା। ସୋମବାର ଅଭିଯୁକ୍ତଦ୍ୱୟ ଖଣ୍ଡଗିରି ଅଞ୍ଚଳରେ ବ୍ରାଉନ୍‌ସୁଗାର ବିକ୍ରି କରିବାକୁ ଜଣେ ଗ୍ରାହକଙ୍କୁ ଅପେକ୍ଷା କରିଥିବା ନେଇ ପୋଲିସ ଖବର ପାଇଥିଲା। ଏ ନେଇ ଖଣ୍ଡଗିରି ଥାନା ଏସ୍‌ଆଇ ସଞ୍ଜୟ କୁମାର ଷଣ୍ଢଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରି ଉଭୟଙ୍କୁ କାବୁ କରିଥିଲେ। ସେମାନଙ୍କ ପକେଟ୍ ଯାଞ୍ଚ କରିବାରୁ ୧୫ଶହ ଟଙ୍କା ଓ ବ୍ରାଉନ୍‌ସୁଗାର ବାହାରିଥିଲା। ପୋଲିସ ସେମାନଙ୍କୁ ଗିରଫ କରିବା ସହ ମାମଲା ରୁଜୁ କରି ବାଇକ୍ ଜବତ କରିଥିଲା।

## ୧୬୨ କିଲୋ ଗଞ୍ଜେଇ ଜବତ : ଜଣେ ଗିରଫ

କଟକ ଅଫିସ, ୧୫।୩

କଟକ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ସୋମବାର ସକାଳ ସାଢେ ୫ଟାରେ ଗୋପାଳପୁର ଛକରେ ଏକ କାର (ଓଡି୦୨ୟୁ-୩୪୩୫)ରୁ ୧୬୨ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଗଞ୍ଜାମ ଧରାକୋଟ ଅଞ୍ଚଳର ବୁଲୁ ପ୍ରଧାନଙ୍କୁ ଗିରଫ କରାଯାଇଛି। ଏହି କାର୍‌ରେ ଗଞ୍ଜେଇ ବୋଝେଇ ହୋଇ ଧରାକୋଟ୍‌ରୁ ବାଲେଶ୍ୱର ଯାଉଥିଲା। ଖବରପାଇ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ଚଢ଼ାଉ କରି କାରକୁ ଯାଞ୍ଚ କରିଥିଲା। କାର୍‌ରେ ୬ଟି ବସ୍ତାରେ ଗଞ୍ଜେଇ ଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ାଉରେ ଅବକାରୀ ବିଭାଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସିଦ୍ଧେଶ୍ୱର ବେଶ୍ରା, ଆଇଆଇସି ସୁଶାନ୍ତ ପାଢ଼ୀ, ଉମାକାନ୍ତ ସ୍ୱାଇଁ, ମନୋଜ ପରିଡା, ଏସ୍‌ଆଇ ସଙ୍ଗିନ ବେହେରା, ମନିଷା ଭୋଳ, ଏଏସ୍‌ଆଇ ନଟବର ମଲ୍ଲିକ ସାମିଲ ଥିଲେ।



ଯାଜପୁରର କାଠ ଛାୟା ଚିତ୍ରଶିଳ୍ପୀ ବିଶ୍ୱନାଥ ମହାରଣା ସୋମବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଭେଟି ନିଜ ଦ୍ୱାରା ପ୍ରସ୍ତୁତ କଳାକୃତି ପ୍ରଦାନ କରୁଛନ୍ତି।

# ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୧୫।୩ (ବ୍ୟୁରୋ)

ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଏମସି ୱାର୍ଡ ନଂ.୩ ପଟିଆ ଗ୍ରାମରୁ ଡମଣା ଶିବ ମନ୍ଦିର ପର୍ଯ୍ୟନ୍ତ ୧ କୋଟି ୯୦ ଲକ୍ଷ ଟଙ୍କା ଅଟକଳରେ ୧.୧୧୦ କି.ମି. ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ସୋମବାର ବିଧାୟକ ତଥା ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ସୁଶାନ୍ତ ରାଉତଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ରାସ୍ତା ନିର୍ମାଣ ପାଇଁ ବହୁଦିନ ଧରି ସ୍ଥାନୀୟ ଲୋକେ ଦାବି କରି ଆସୁଥିବାବେଳେ ବିଧାୟକଙ୍କ ଆୟୋଜିତ ଜନଶୁଣାଣି ଶିବିରରେ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀଙ୍କ ସମେତ ସ୍ଥାନୀୟ ବାସିନ୍ଦା ନୃସିଂହ ରାଉତ, ପୂର୍ବତନ କର୍ପୋରେଟର ଜୟନ୍ତୀ ଜେନା, ବିଷ୍ଣୁ ଚରଣ ପାତ୍ର, ଯୁବନେତା ଚିତ୍ତରଞ୍ଜନ ପାତ୍ର, ଜିତୁ ରାୟ, ଯଯାତି ଜେନା ପ୍ରମୁଖ ଉପସ୍ଥିତ ଥିଲେ।



# ଗାଈ ବିକ୍ରି ବିଜ୍ଞାପନ ଦେଇ ଠକେଇର ଶିକାର

- ଆର୍ମି ଅଫିସର କହି ଲୁଟିନେଲେ
- ୨୦ହଜାର ଲୋଭ ଦେଖାଇ ଲକ୍ଷେ ଟଙ୍କା ନେଇଗଲେ

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ଅନ୍‌ଲାଇନରେ ଗାଈ ବିକ୍ରି କରିବାକୁ ଆଡ୍ ଦେଇ ଲୁଟ୍‌ର ଶିକାର ହୋଇଛନ୍ତି ଜଣେ ଯୁବକ। ୨୦ ହଜାର ଟଙ୍କାରେ ନିଜ ଗାଈ ବିକିବାକୁ ଯୁବକ ଜଣକ ଏକ ୱେବ୍‌ସାଇଟ୍‌ରେ ଆଡ୍ ଦେଇଥିଲେ। ପରେ ଉକ୍ତ ଗାଈକୁ କିଣିବା ବାହାନାରେ ଯୁବକଙ୍କୁ ଲକ୍ଷେ ଟଙ୍କା ଚୂନ ଲଗାଇଛନ୍ତି ସାଇବର ଠକ। ସ୍କାନ୍ କୋଡ୍ ମାଧ୍ୟମରେ ୨୦ ହଜାର ଲେଖାଏ ୫ଥରରେ ଲକ୍ଷେ ଟଙ୍କା ଯୁବକଙ୍କ ଆକାଉଣ୍ଟରୁ କାଟି ନେଇଛନ୍ତି। ଘଟଣାଟି ରାଜଧାନୀର ଭରତପୁର ଥାନା ଅଞ୍ଚଳର ଦେବାଶିଷ ସାହୁଙ୍କ କ୍ଷେତ୍ରରେ ଘଟିଛି। ଏ ନେଇ ଦେବାଶିଷ ଥାନାରେ ଜଣାଇବା ସହ ସାଇବର ହେଲ୍ପଡେସ୍କରେ ଅଭିଯୋଗ କରିଥିଲେ। ସୂଚନା ଅନୁଯାୟୀ, ଦେବାଶିଷ ଡିଜିଟାଲ ମାର୍କେଟ ପ୍ଲେସ କ୍ୱିସଫାଏ ନାମକ ୱେବ୍‌ସାଇଟରେ ୧୧ ତାରିଖରେ ଗାଈ ବିକ୍ରି କରିବାକୁ ଏକ ବିଜ୍ଞାପନ ଦେଇଥିଲେ। ରାତି ପ୍ରାୟ ୮ଟାରେ ଦେବାଶିଷଙ୍କ ପାଖକୁ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ନିଜକୁ ମନବିତ୍ ଓ ସେ ଜଣେ ଆର୍ମି ଅଫିସର ପରିଚୟ ଦେଇ ବିଜ୍ଞାପନରେ ଦିଆଯାଇଥିବା ଗାଈକୁ କିଣିବାକୁ ଚାହୁଁଛନ୍ତି ବୋଲି କହିଥିଲେ। ଗାଈର ମୂଲ୍ୟ ଦେବାଶିଷ ୨୦ହଜାର ଟଙ୍କା କହିବା ପରେ ସାଇବର ଠକ ଜଣକ ରାଜି ହେବା ସହ ପ୍ରଥମେ ୨୦ରୁ ୧୦ ହଜାର ଅନଲାଇନ୍‌ରେ ଦେବେ ଓ ବାକି ଅର୍ଥ ଗାଈ ନେଲାବେଳେ ନଗଦ ଟଙ୍କା ଦେବେ ବୋଲି କହିଥିଲେ। ଦେବାଶିଷ ଏଥିରେ ରାଜି ହୋଇଯାଇଥିଲେ। ଉକ୍ତ ବ୍ୟକ୍ତି ଜଣକ ସେନା ଅଧୀନରେ କାର୍ଯ୍ୟ କରୁଥିବାରୁ ତାଙ୍କୁ ଫୋନ୍ ପେ ଆପ୍ ବ୍ୟବହାର କରିବାକୁ ଅନୁମତି ନାହିଁ। ତେଣୁ ଏକ କ୍ୟୁଆର ସ୍କାନ୍ କୋଡ୍ ପଠାଇବେ, ଯାହାଦ୍ୱାରା ଟଙ୍କା ନେଣଦେଣ ହୋଇପାରିବ ବୋଲି ସେ କହିଥିଲେ। ପରେ ସାଇବର ଠକ ଜଣକ ପ୍ରଥମେ ୫ ଟଙ୍କାର ଏକ କ୍ୟୁଆର କୋଡ ସ୍କାନ୍ ପାଇଁ ପଠାଇଥିଲେ। ଦେବାଶିଷ ଏହାକୁ ସ୍କାନ୍ କରିବାରୁ ତାଙ୍କ ଆକାଉଣ୍ଟରେ ୫ଟଙ୍କା କ୍ରେଡିଟ୍ ହୋଇଯିବାରୁ ବିଶ୍ୱାସ କରିନେଇଥିଲେ। ଏହି ସୁଯୋଗରେ ଠକ ଜଣକ ୨୦ହଜାର ଟଙ୍କାର ଆଉ ଏକ ସ୍କାନ୍ କୋଡ୍ ପଠାଇଥିଲେ। ଦେବାଶିଷ ଏହାକୁ ସ୍କାନ୍ କରିବା ମାତ୍ରେ ତାଙ୍କ ଆକାଉଣ୍ଟରୁ ୨୦ ହଜାର ଟଙ୍କା କଟିଯାଇଥିଲା। ଦେବାଶିଷ ଟଙ୍କା କଟିଯିବା କଥା ତାଙ୍କୁ କହିବାରୁ ଏହା ଏକ ଟେକ୍ନିକାଲ୍ ତ୍ରୁଟି ହୋଇଥିବ ବୋଲି କହିବା ସହ ଆଉ ଏକ ସ୍କାନ୍ କୋଡ ପଠାଇଥିଲେ। ଏହିପରି ଭାବେ ୫ଥର ସ୍କାନ୍ କୋଡ ପଠାଇ ମୋଟ ଲକ୍ଷେ ଟଙ୍କା କାଟିନେଇଥିଲେ ଠକ ଜଣକ। ପରେ ଲୁଟ୍‌ର ଶିକାର ହୋଇଥିବା ଜାଣିପାରି ଦେବାଶିଷ ଥାନାର ଦ୍ୱାରସ୍ଥ ହୋଇଥିଲେ।

